ଧରିତ୍ରୀ
DHARITRI
August 03-09, 2025 ₹ 2/-

ଛୁଟି ଦିନ



# ପାଇକ ବିଦ୍ରୋହର ସ୍ୱର

ଓଡ଼ିଶାର ବୀର ପାଇକ ଇଂରେଜଙ୍କ ଅତ୍ୟାଚାରକୁ ମୁଣ୍ଡପାତି ସହିବାକୁ କୌଣସି ପ୍ରକାରେ ପ୍ରସ୍ତୁତ ନ ଥିଲେ। ବିଦ୍ରୋହର ବହ୍ନି ଜଳି ଉଠିଲା। ଯେଉଁଠୁ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହର ସ୍ୱର। ଯେଉଁ ସ୍ୱର କେବଳ ଓଡ଼ିଶାରେ ସୀମିତ ନ ରହି ପରବର୍ତ୍ତୀ ସମୟରେ ସାରା ଦେଶର ସ୍ୱର ପାଲଟି ଯାଇଥିଲା...

୩
ପ୍ରଚ୍ଛଦ ପ୍ରସଙ୍ଗ



# ମାଙ୍ଗଳିକ ଚିହ୍ନର ବାସ୍ତୁ ମହତ୍ତ୍ୱ

**ଏମିତି କିଛି ମାଙ୍ଗଳିକ ଚିହ୍ନ ରହିଛି; ଯାହାକୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଉପଯୁକ୍ତ ସ୍ଥାନରେ ଲଗାଇଲେ ଘରର ବାତାବରଣ ପବିତ୍ର ହେବା ସଙ୍ଗେସଙ୍ଗେ ସୁଖସମୃଦ୍ଧି ବୃଦ୍ଧି ପାଇ ସଭିଙ୍କ ମନରେ ଖୁସି ଭରି ଦେଇଥାଏ। ଯେମିତିକି...**




✲ **ଓଁ:** ଠାକୁରଙ୍କ ଆସ୍ଥାନରେ ଚନ୍ଦନ ଓ କେସରକୁ ମିଶାଇ ସେଥିରେ ଓଁ ଚିହ୍ନ ଲେଖିବା ଦ୍ୱାରା ଘରର ଅଶାନ୍ତି ଦୂର ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ **ଶ୍ରୀ:** ଏହି ଚିହ୍ନକୁ ମାତା ଲକ୍ଷ୍ମୀଙ୍କର ପ୍ରତୀକ ବୋଲି କୁହାଯାଏ। ଠାକୁର ଘରେ ନାଲି ସିନ୍ଦୂରରେ ହେଉ ଅଥବା ଚନ୍ଦନ ଓ କେସରକୁ ମିଶାଇ ଏହି ଚିହ୍ନ ତିଆରି କଲେ ଘରେ ଧନବୃଦ୍ଧି ହେବା ସହ ପରିବାରରେ ସ୍ନେହ, ଶ୍ରଦ୍ଧା ବଢିଥାଏ ବୋଲି ବିଶ୍ୱାସ କରାଯାଏ।

✲ **ସ୍ୱସ୍ତିକ:** ଘରର ପୂଜାସ୍ଥଳରେ ହେଉ ଅଥବା ମୁଖ୍ୟ ଦ୍ୱାରର ଉଭୟ ପାର୍ଶ୍ୱରେ ହଳଦୀରେ ସ୍ୱସ୍ତିକ ଚିହ୍ନ କରି ତା' ତଳକୁ ଶୁଭ, ଲାଭ ଲେଖିବା ଏକ ପବିତ୍ର ସଙ୍କେତ ଦେଇଥାଏ। ଆଉ ଯଦି ଏହି ଚିହ୍ନ ୯ ଆଙ୍ଗୁଠି ଲମ୍ବା ଓ ୯ ଆଙ୍ଗୁଠି ଚଉଡ଼ା ବିଶିଷ୍ଟ ହୋଇଥାଏ ତା'ହେଲେ ଏହା ଆହୁରି ଶୁଭଫଳ ପ୍ରଦାନ କରିଥାଏ।

✲ **ଶୁଭ କଳସ:** ମୁଖ୍ୟଦ୍ୱାର ନିକଟରେ ଶୁଭ କଳସ ରଖିବା ଯେମିତି ଶୁଭ, ଠାକୁର ଘରେ ନାଲି ସିନ୍ଦୁରରେ ଶୁଭ କଳସର ଏକ ଚିତ୍ର କରିବା ସେମିତି ପବିତ୍ର। ମାତା ଲକ୍ଷ୍ମୀଙ୍କର ଏହା ବି ଏକ ପ୍ରତୀକ ; ଯାହା ପରିବାରର ଉନ୍ନତି କରିଥାଏ।

✲ **ପଦ୍ମ:** ଠାକୁର ଘରେ ନାଲି ସିନ୍ଦୂର ହେଉ କି ଚନ୍ଦନ ଓ କେସରରେ ପଦ୍ମଫୁଲର ଏକ ଚିତ୍ର କରିବା ବି ଶୁଭ। ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କର ଏହା ପ୍ରିୟ ; ଯାହା ରୋଗବ୍ୟାଧିରୁ ମୁକ୍ତି ଦେବା ସହ ଅବସାଦ ଦୂର କରିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୩-୯, ୨୦୨୫

**ମେଷ**



ପୁଅଝିଅଙ୍କ ସମସ୍ୟା, ସହକର୍ମୀଙ୍କ ସହ ଝଗଡ଼ା, କରଜଦାତାଙ୍କ ଚାପ, ବ୍ୟବସାୟିକ ଉତ୍କର୍ଷତା, ପ୍ରତିବନ୍ଧକ ଦୂର ହେବ, ପରିବାରରେ ମତାନ୍ତର, ସଭାସମିତିକୁ ନିମନ୍ତ୍ରଣ, ସାଂଗଠନିକ ଆଲୋଚନା, ନିର୍ମାଣରେ ଦ୍ୱନ୍ଦ୍ୱ ॥

**ବୃଷ**




ଶାରୀରିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ପଡୋଶୀଙ୍କ ପ୍ରେରଣା, ବ୍ୟୟବୃଦ୍ଧିରୁ ମନସ୍ତାପ, ସନ୍ତାନଙ୍କ ସମସ୍ୟା, ପରୋକ୍ଷ ଶତ୍ରୁତା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ରାଜନୈତିକ ପୃଷ୍ଠପୋଷକତା ॥

**ମିଥୁନ**



କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପଦୋନ୍ନତିର ସୂଚନା, ଆତ୍ମୀୟଙ୍କ ଅନାଦର, ଯାନବାହନରେ ତ୍ରୁଟି, ଜମିଜମା କଳହ, ସନ୍ତାନଙ୍କ କୃତିତ୍ୱ, ରୋଗପୀଡା କମିବ, ପ୍ରତିବନ୍ଧକ ଦୂର ହେବ, ସଙ୍ଗୀତ ସାଧନାରେ ରୁଚି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଧର୍ମକାର୍ଯ୍ୟ କରିବେ ॥

**କର୍କଟ**



ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଃଶ୍ଚିନ୍ତା, କାର୍ଯ୍ୟ ସ୍ଥଗିତ ରହିବ, ଅର୍ଥସଂକଟ ଦେଖାଦେବ, ପଡୋଶୀଙ୍କ ସହୃଦୟତା, ନିର୍ମାଣରେ ପରିପୂର୍ଣ୍ଣତା, ପରିବହନରେ ଝଗଡା, ସଭାସମିତିକୁ ନିମନ୍ତ୍ରଣ, ସମ୍ମାନିତ ହୋଇପାରନ୍ତି ॥

**ସିଂହ**



ପ୍ରତିଯୋଗୀତାରେ ସଫଳତା, ସମ୍ବର୍ଦ୍ଧିତ ହୋଇପାରନ୍ତି, ଅର୍ଥଲାଭର ଯୋଗ ରହିଛି, ବାଣିଜ୍ୟରେ ପ୍ରତିବନ୍ଧକ, କଚେରୀ ମାମଲାରେ ବାଇଦା, ନୂତନ ଯୋଜନାରମ୍ଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗୃହୋପଯୋଗୀ ଜମିକ୍ରୟ, ବିଦେଶ ଯାତ୍ରାର ସୁଯୋଗ ॥

**କନ୍ୟା**



ପାରିବାରିକ ସମସ୍ୟା, ଅପ୍ରିୟ ଭାଷଣରୁ ଅଶାନ୍ତି, ସମ୍ପର୍କୀୟଙ୍କ ଅସହଯୋଗ, ସନ୍ତାନ ହେତୁକ ଗୌରବ, ନୂଆ ସମ୍ପର୍କ ଯୋଡିବେ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଉପରିସ୍ଥଙ୍କ ପରାମର୍ଶ, ପରିସ୍ଥିତିକୁ ସୁଧାରି ନେବେ, ଭୁଲ୍ ଖବରରୁ ବିସ୍ମୟ, ମକଦ୍ଦମାରେ ବିଜୟ ॥

**ତୁଳା**



ମାନସିକ ଅସ୍ଥିରତା, ଋଣ ପରିଶୋଧ କରିବେ, ବନ୍ଧୁଙ୍କ ପରାମର୍ଶ, ମିଥ୍ୟା ଗୁଜବରୁ ମନସ୍ତାପ, ଅର୍ଥ ସମ୍ପର୍କୀୟ ବିତର୍କ, ସ୍ୱାସ୍ଥ୍ୟହାନି ଘଟିପାରେ, ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ କର୍ତୃପକ୍ଷଙ୍କ ଚାପ, ଆନୁଷ୍ଠାନିକ କର୍ମାରମ୍ଭ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ ॥

**ବିଛା**



ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ସହାନୁଭୂତି, ଆର୍ଥିକ ଅଭିବୃଦ୍ଧି, ସାହିତ୍ୟକୃତିରୁ ପ୍ରଶଂସା, ଦୂରଯାତ୍ରାର ଯୋଜନା, କଳାପ୍ରିୟ ହେବେ, ଗୃହସୀମାରେ ବିବାଦ, ସମ୍ପର୍କୀୟଙ୍କ ଅନାଦର, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ପ୍ରଗତିର ପଥରୋଧ ॥

**ଧନୁ**



କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଲୋକ ପ୍ରିୟତା ବୃଦ୍ଧି , ଯାନ୍ତ୍ରିକ ଜିନିଷର ମରାମତି, ବନ୍ଧୁମିଳନର ଯୋଜନା, ମନୋରଞ୍ଜନ କାର୍ଯ୍ୟକ୍ରମ, ପାରିବାରିକ କଳହ, ସମସ୍ୟାକୁ ସୁଧାରି ନେବେ, ସେବା ମନୋଭାବରୁ ପ୍ରଶଂସା, ସାମାଜିକ ସମ୍ମାନ ॥

**ମକର**



ଦୈହିକ ଦୁର୍ବଳତା, ପରିବାରରେ ବିତର୍କ, କରଜଦାତାଙ୍କ ଚାପ ବୃଦ୍ଧି, ପରୋକ୍ଷଶତ୍ରୁତାରୁ ଚିନ୍ତା, ସାଧାରଣ କଥାରୁ ବିବାଦ, ସମ୍ପର୍କହାନୀରୁ ମନ ଦୁଃଖ, ଉପଢୌକନ ପାଇପାରନ୍ତି, ନିର୍ମାଣରେ ସମସ୍ୟା, ପଡୋଶୀଙ୍କ ପ୍ରତିବାଦ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**କୁମ୍ଭ**



ସମସ୍ୟାର ସମାଧାନ, ମାନସିକ ଶାନ୍ତି, ବକେୟାପ୍ରାପ୍ତିରୁ ଖୁସୀ, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ନୂତନ କର୍ମାରମ୍ଭ, ଆନୁସଙ୍ଗିକ ସହଯୋଗ ପ୍ରାପ୍ତି, ପ୍ରଗତିର ପଥରୋଧ, ଅଧ୍ୟୟନରେ ଏକାଗ୍ରତା, ଉଚ୍ଚଶିକ୍ଷାରେ ଦ୍ୱନ୍ଦ୍ୱ, ସତ୍‌ସଙ୍ଗର ସାନ୍ନିଧ ॥

**ମୀନ**



ସମୟାନୁବର୍ତ୍ତିତାରୁ ପ୍ରଶଂସା, ପଦାଧିକାରୀଙ୍କ ଅନୁକମ୍ପା, ପଦୋନ୍ନତିର ସୂଚନା, ଅପ୍ରିୟସତ୍ୟରୁ କଳହ, ଅର୍ଥ ସଂଗ୍ରହର ପ୍ରଚେଷ୍ଟା, ପରିବାରରେ ବିତର୍କ, ସାମ୍ବାଦିକତାରୁ ଗୌରବ, ଗଠନମୂଳକ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ॥

# ରକ୍ତହୀନତା ଦୂର କରିବ ଏହି ଡ୍ରାଏଫ୍ରୁଟ୍ସ...

**ଶ**ରୀରରେ ରକ୍ତର ପରିମାଣ କମିଗଲେ ଥକ୍କାପଣ ଅନୁଭବ ହୁଏ। କୌଣସି କାମରେ ମନ ଲାଗେନା। ଯେଉଁଥିପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଇରନ୍ ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାନ୍ତି। ତା'ଛଡ଼ା ଏମିତି ବି କିଛି ଡ୍ରାଏଫ୍ରୁଟ ରହିଛି ; ଯାହାକୁ ଖାଇଲେ ରକ୍ତହୀନତା ସମସ୍ୟାରୁ କିଛି ମାତ୍ରାରେ ମୁକ୍ତି ମିଳେ ବୋଲି ବିଶ୍ୱାସ କରାଯାଏ। ଯେମିତିକି: କିସମିସ୍, ଖଜରା, ଡ୍ରାଏଡ୍ ଆପ୍ରିକଟ୍, ଡ୍ରାଏଡ୍ ପ୍ଲମ୍ ଇତ୍ୟାଦି। କୁହାଯାଏ, ଏହିସବୁ ଡ୍ରାଏଫ୍ରୁଟ୍ସଗୁଡ଼ିକରେ ଆଇରନ୍‌ର ମାତ୍ରା ଢେର୍ ରହିଥାଏ। ଏହି ସବୁକୁ ଖାଲିରେ ସେମିତି ଖାଇହୁଏ, ନଚେତ୍ ରାତିରେ ଅଳ୍ପ ପାଣିରେ ଭିଜାଇ ସକାଳେ ଏହାକୁ ଖାଲିପେଟରେ ଖାଇଲେ ବି ଶରୀରକୁ ଅନେକ ଉପକାର ମିଳିଥାଏ। ରାତିରେ ଭିଜା ଯାଇଥବା କିସମିସ୍‌କୁ ସକାଳେ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସଙ୍ଗେସଙ୍ଗେ ଶରୀରରେ ରକ୍ତର ପରିମାଣ ଧୀରେ ଧୀରେ ବୃଦ୍ଧି ପାଇଥାଏ। ଏଥିସହିତ ପାଚନ କ୍ରିୟାକୁ ଠିକ୍ କରିବା, ହାଡ଼ ଓ ଦାନ୍ତକୁ ଶକ୍ତ କରିବା, ମୁଖ ଦୁର୍ଗନ୍ଧ ଦୂର କରିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ବି କିସମିସ୍ ଉପକାରରେ ଆସିଥାଏ। ସେହିପରି ଖଜରା ରକ୍ତହୀନତା ସମମ୍ୟାକୁ ସୁଧାରିବା ସହିତ ଶରୀରକୁ ଇନ୍‌ଷ୍ଟାଣ୍ଟ ଏନର୍ଜି ପ୍ରଦାନ କରିଥାଏ। ଏପରିକି ପାଚନ କ୍ରିୟାକୁ ତ୍ୱରାନ୍ୱିତ କରିବା, ହାଡ଼କୁ ମଜଭୁତ୍ କରିବାରେ ବି ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଅନ୍ୟପକ୍ଷେ ଡ୍ରାଏଡ୍ ଆପ୍ରିକଟ୍ ଓ ଡ୍ରାଏଟ୍ ପ୍ଲମ୍‌କୁ ବି ଖାଦ୍ୟରେ ସାମିଲ କରିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗେ ସଙ୍ଗେ ଶରୀରରେ ରକ୍ତର ପରିମାଣ କ୍ରମେ ବୃଦ୍ଧି ପାଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି।



# ପାଠକୀୟ

✲ ଦାୟିତ୍ୱ ଏକ ବ୍ୟାପକ ଶବ୍ଦ। ଏହା ଯେତେ ସହଜ ଜଣାପଡେ ସେତେ ସହଜ ନୁହେଁ। ଏଥିପାଇଁ ସଂଘର୍ଷ ଲୋଡ଼ା ହୁଏ, ତ୍ୟାଗ କରିବାକୁ ପଡ଼େ, କର୍ତ୍ତବ୍ୟର ଆବଶ୍ୟକତା ଆସେ। ଏସବୁକୁ ଯିଏ ଠିକ୍ ଠିକ୍ କରିପାରେ, ତା'ର ଦାୟିତ୍ୱବୋଧ ସେତେ ବଢିଯାଏ। ଏଇ ଯେମିତି କିଛି ନାରୀ ନିଜ ପରିବାରର ଦାୟିତ୍ୱ ତୁଲାଇବାକୁ ଅଣ୍ଟା ଭିଡ଼ିଛନ୍ତି। ତେଣୁ ଏଭଳି ଏକ ସମୟୋପଯୋଗୀ ଆଲେଖ୍ୟକୁ ନେଇ ପ୍ରସ୍ତୁତ 'ଦାୟିତ୍ୱ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟଛୁଆଁ ହୋଇଥିଲା।

*– ଅଭିନାଶ ମହାନ୍ତି, ପୁରୀ*

✲ ଦାୟିତ୍ୱ ନେବା ସବୁବେଳେ ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ। ଯେଉଁଥିପାଇଁ ସଂଘର୍ଷ ସହ ତ୍ୟାଗ ବି ଲୋଡ଼ା। ଏଇ ଯେମିତି ଘର ପରିବାର ସମ୍ଭାଳୁଥିବା ନାରୀ ବି ପରିସ୍ଥିତି ପଡିଲେ ପୁରୁଷ ପ୍ରଧାନ କାର୍ଯ୍ୟ ଆପଣେଇ ବେଶ୍ ସୁନ୍ଦର ଭାବେ ପରିବାରର ଦାୟିତ୍ୱ ନେଇପାରନ୍ତି। ତେଣୁ 'ଦାୟିତ୍ୱ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ଶ୍ରାବଣ ମାସର ଆଧ୍ୟାତ୍ମିକ ମହତ୍ତ୍ୱ', 'ଡ୍ରିଙ୍କ୍ସ: ଯାହା ଇମ୍ୟୁନିଟି ବଢ଼ାଏ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରଶ୍ମିତା ଦାସ, ମୟୂରଭଞ୍ଜ*

✲ 'କାର୍‌ଗିଲ ବୀରାଙ୍ଗନା' ଶୀର୍ଷକ ପାଠଟି ବି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି ବିପିନ ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଭୋକ: ଦୁଇଟି ସ୍କେଚ୍' ଶୀର୍ଷକ ଗପଟି ବି ଖୁବ୍ ହୃଦୟସ୍ପର୍ଶୀ ଥିଲା। 'ଦୁଃଖ' ଶୀର୍ଷକ କବିତା ମଧ ମନଛୁଆଁ ହୋଇଥିଲା।

*– ପ୍ରଣତି ସାହୁ, କଟକ*

✲ ସିନେମା ପୃଷ୍ଠାଟି ଆକର୍ଷଣୀୟ ଥିଲା। ସାହିତ୍ୟିକା, ଗବେଷିକା ସ୍ମୃତିକଳା ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ହୃଦୟଛୁଆଁ ହୋଇଥିଲା। 'ସ୍ମୃତିରେ କାରଗିଲ୍ ବିଜୟ' ଶୀର୍ଷକ ଆଲେଖ୍ୟଟି ମଧ ଏକ ମନଛୁଆଁ ପାଠ ଥିଲା। 'ନୟାଗଡ଼ ରାଜବାଟି' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସହର ପୃଷ୍ଠାରୁ 'ଅନନ୍ୟ ବୌଦ୍ଧପୀଠ ହେମିସ୍ ମଠ' ସମ୍ପର୍କରେ ବି ବହୁ ଅଜଣା କଥା ଜାଣିହେଲା।

*– ରବି ନାରାୟଣ ପରିଜା, ସମ୍ବଲପୁର*

✲ 'ରେଫ୍ରିଜିରେଟର୍‌ର ଇତିହାସ' ସମ୍ପର୍କରେ ବିବିଧା ପୃଷ୍ଠାରୁ ଜାଣିହେଲା। 'କାର୍ ବେଡ୍' ଶୀର୍ଷକ ପାଠଟି ବି ଏକ ନିଆରା ଆଲେଖ୍ୟ ଥିଲା। ବ୍ୟଙ୍ଗ ପୃଷ୍ଠାରୁ 'ପ୍ରଭୁଙ୍କ ନିନ୍ଦା, ମୋ ମୁଣ୍ଡ ବିନ୍ଧା' ଶୀର୍ଷକ ପାଠଟି ପଢି ବହୁ ଦରକାରୀ କଥା ଜାଣିପାରିଲି। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଚଢ଼େଇଙ୍କ ପାଇଁ ଡାଇପର୍', 'ମାନବ ୱାଶିଂ ମେଶିନ', 'ଗରିଲା ମସାଜ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

*– ସଂଯୁକ୍ତା ସାହୁ, ବାଲେଶ୍ୱର*

## ବିଶେଷ ଚିଠି




ଦାୟିତ୍ୱ ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି
ଥିଲା ଭାରୀ ବଢିଆ,
ନିଆରା ଲାଗୁଥିଲା ପୁଣି ତୁମ
ସିନେମାର ଦୁନିଆ।
ସୃଜନର ଗପ, କବିତା ବି
ହୋଇଥିଲା ଭାରୀ ମନଛୁଆଁ,
ଆଶ୍ଚର୍ଯ୍ୟ କରୁଥିଲା ପୁଣି
ତୁମ ବ୍ୟାକ୍‌ପେଜ୍‌ର ପାଠ ନୂଆ।
ସତରେ ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁବେଳେ ନୂତନ।

*– ତନୁଜା ବିଶ୍ୱାଳ, ଝାରସୁଗୁଡ଼ା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପାଇକ ବିଦ୍ରୋହର ସ୍ୱର



ଓଡ଼ିଶାର ବୀର ପାଇକ ଇଂରେଜଙ୍କ ଅତ୍ୟାଚାରକୁ ମୁଣ୍ଡପାତି ସହିବାକୁ କୌଣସି ପ୍ରକାରେ ପ୍ରସ୍ତୁତ ନ ଥିଲେ । ବିଦ୍ରୋହର ବହ୍ନି ଜଳିଥିଲା ତାଙ୍କ ଭିତରେ । ଯେଉଁଠୁ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହର ସ୍ୱର । ଯେଉଁ ସ୍ୱର କେବଳ ଓଡ଼ିଶାରେ ସୀମିତ ନ ରହି ସାରା ଦେଶର ସ୍ୱର ପାଲଟି ଯାଇଥିଲା । ଏହାଥିଲା ଆରମ୍ଭ ମାତ୍ର । ଚାରିଆଡୁ ଶୁଭୁଥିଲା ବିଦ୍ରୋହର ସ୍ୱର । ଦେଶର ଅଗଣିତ ଜନତା ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇଥିଲେ । ଆଉ ଯାହା ପରବର୍ତ୍ତୀ ସମୟରେ ଇଂରେଜଙ୍କୁ ଭାରତ ଛାଡିବାକୁ ବାଧ କରିଥିଲା । ଏହି ପାଇକ ବିଦ୍ରୋହରେ ଅନେକ ବୀର ପାଇକଙ୍କ ବଳିଦାନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଥିବା ବେଳେ ଆଉ କିଛି ବୀର ପାଇକଙ୍କ କଥା ହଜିଯାଇଛି ଇତିହାସ ପୃଷ୍ଠାରୁ । କେବେ କେବେ ପାଇକ ବିଦ୍ରୋହର କଥା ସ୍ୱର ଶୁଭିଥିଲା ଓଡ଼ିଶା ମାଟିରୁ ସେ ସମ୍ପର୍କରେ ଉପସ୍ଥାପନା...

ପାଇକ ବିଦ୍ରୋହ କଥା ମନକୁ ଆସିଲେ ପ୍ରଥମେ ମନେପଡ଼େ ଖୋର୍ଦ୍ଧାଗଡ଼ର କଥା । ଭୋଇବଂଶର ପ୍ରଥମ ରାଜା ରାମଚନ୍ଦ୍ର ଦେବ ଖୋର୍ଦ୍ଧାର ବରୁଣେଇ ପାହାଡ଼ ଘାଟି ତଳେ ରାଜଧାନୀ ସ୍ଥାପନ କରି ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା କରିଥିଲେ । କିନ୍ତୁ ଭୋଇବଂଶର ୧୨ଶ' ରାଜା ୨ୟ ମୁକୁନ୍ଦ ଦେବଙ୍କର ମନ୍ତ୍ରୀ(ଦେୱାନ) ହରିହର ଭ୍ରମରବର ରାୟ, ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ରାଜଗୁରୁ ଜୟକୃଷ୍ଣ ମହାପାତ୍ର(ଜୟୀରାଜ ଗୁରୁ) ପ୍ରମୁଖ ତିନିଜଣ ଅସାଧାରଣ ସାହସୀ, ପରମଯୋଦ୍ଧା ଥିଲେ । ଯେଉଁମାନେ କି ପରବର୍ତ୍ତୀ ସମୟରେ ପାଇକ ଯୁଦ୍ଧର ମୁଖ୍ୟ ପୁରୋଧା ସାଜିଥିଲେ ।

**ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପ୍ରଥମ ପାଇକ ବିଦ୍ରୋହ:** ୧୮୦୩ ସେପ୍ଟେମ୍ବର ୧୧ରେ ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶା ଶାସନ କଲେ । ସେମାନେ ଖୋର୍ଦ୍ଧାକୁ ଦଖଲ କଲାବେଳକୁ ଉତ୍କଳ ବା ଓଡ଼ିଶାର ସବୁ ଅଞ୍ଚଳ ତାଙ୍କର କରାୟତ୍ତ ହୋଇସାରିଥିଲା । ସାରା ଭାରତବର୍ଷରେ ଚାଲିଥିଲା ତାଙ୍କ ରାଜୁତି ଓ ଅତ୍ୟାଚାର । ଇଂରେଜ ମାନଙ୍କ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶାବାସୀଙ୍କ ଉପରେ ଗୋଟାଏ ପରେ ଗୋଟିଏ ପ୍ରଜାବିରୋଧୀ କାର୍ଯ୍ୟ କଲା । ଏମିତିକି ଶ୍ରୀମନ୍ଦିର ପ୍ରତି ଇଂରେଜମାନେ ବହୁ କଟକଣା ଜାରିକଲେ । ପାଇକଙ୍କ ଜାଗିରି ରଦ୍ଦ କଲେ । ବାରମ୍ବାର ବନ୍ଦୋବସ୍ତ ଆଇନ ପରିବର୍ତ୍ତନ କରାଗଲା । ରାଜାଙ୍କ ସ୍ୱାଧୀନତା ଗଲା, ପ୍ରଜାମାନଙ୍କ ଉପରେ ଅତ୍ୟଧିକ କର ଲାଗୁ କରାଗଲା । ପାଟି ଖୋଲିବାର ଜୁ' ନ ଥିଲା । ପାଟି ଖୋଲିଲେ ଚମଡ଼ା ଚାବୁକ୍‌ରେ ପିଠିରୁ ଛାଲ ଉଡୁରା ଯାଉଥିଲା । ସାଧାରଣ ଲୋକ ଭୟ ଆତଙ୍କରେ ଜୀବନ ବିତାଉଥିଲେ । ସେତେବେଳେ ଖୋର୍ଦ୍ଧାର ରାଜା ୨ୟ ମୁକୁନ୍ଦ ଦେବ ନାବାଳକ ଥିବାରୁ ଜୟୀରାଜଗୁରୁ ତାଙ୍କର ମୁଖ୍ୟ ପରାମର୍ଶଦାତା ରୂପେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ଖୋର୍ଦ୍ଧା ରାଜାଙ୍କ ସର୍ତ୍ତରେ ଇଷ୍ଟଇଣ୍ଡିଆ କମ୍ପାନୀ ଖିଲାପ କରିବାରୁ ଇଂରେଜମାନଙ୍କ ଅନ୍ୟାୟ ବିରୋଧରେ ଜୟୀ ରାଜଗୁରୁ ରାଜାଙ୍କୁ ଯୁଦ୍ଧ ପାଇଁ ପରାମର୍ଶ ଦେବାସହିତ ଆରମ୍ଭ କରିଥିଲେ ପାଇକମାନଙ୍କୁ ନେଇ ପ୍ରଥମ ସଂଗ୍ରାମ । ଡେଲାଙ୍ଗଠାରେ ପାଇକସେନା ଇଂରେଜ ସେନାଙ୍କୁ ବିତାଡ଼ିତ କରିଥିଲେ । ପରବର୍ତ୍ତୀ କାଳରେ କର୍ନେଲ ହାରକୋଟ ଏବଂ କର୍ନେଲ ହଣ୍ଟରଙ୍କ ନେତୃତ୍ୱରେ ଇଂରେଜ ସେନା ପିପିଲିଠାରେ ପାଇକ ବାହିନୀଙ୍କୁ ପରାଜିତ କଲେ । ପରବର୍ତ୍ତୀ ସମୟରେ ଟାଙ୍ଗିଆପଡ଼ାଠାରେ ପାଇକମାନେ ଇଂରେଜମାନଙ୍କୁ ବିରୋଧ କରିବାରୁ ଯୁଦ୍ଧ ହୋଇଥିଲା । ୧୮୦୪ ମସିହାରେ ଇଂରେଜମାନେ ଖୋର୍ଦ୍ଧାକୁ ଆକ୍ରମଣ କରି ରାଜା ଓ ମନ୍ତ୍ରୀ ଜୟୀ ରାଜଗୁରୁ ଉଭୟଙ୍କୁ ବନ୍ଦୀ କଲେ । ପରେ ମେଜର ଫ୍ଲେଚରଙ୍କୁ ଖୋର୍ଦ୍ଧାର ପ୍ରଶାସନିକ ମୁଖ୍ୟଭାବେ ଅବସ୍ଥାପିତ କରି ସାମରିକ ଶାସନ ଲାଗୁକଲେ । ୧୮୦୫ରେ ଖୋର୍ଦ୍ଧାକୁ ଖାସମଲରେ ପରିଣତ କରାଗଲା । ଇତିହାସ କୁହେ ୧୮୦୬ରେ ମେଦିନପୁର ବାଘତୋଟାର ବରଗଛରେ ଅତିନିର୍ମମ ଭାବେ ଜୟୀ ରାଜଗୁରୁଙ୍କୁ ବରଗଛର ଡାଳରେ ବାନ୍ଧି ଦୁଇ ଫାଳ କରି ଦିଆଗଲା । ଇଂରେଜମାନେ ଭାବିଥିଲେ ଏହି ଦୃଶ୍ୟ ଦେଖିବା ପରେ ଲୋକେ ବିଦ୍ରୋହ କରିବା ଭୁଲିଯିବେ । ବନ୍ଦ ହୋଇଯିବ ପାଇକ ବିଦ୍ରୋହ । ହେଲେ ସେମାନେ ଭୁଲ ଭାବିଥିଲେ । ଏହି ଯନ୍ତ୍ରଣାକୁ ପ୍ରତିଟି ଓଡ଼ିଆ ନିଜର ଯନ୍ତ୍ରଣା ଭାବି ନେଇଥିଲେ । ପାଇକ ବିଦ୍ରୋହ ଥମିବା ବଦଳରେ ଅଧିକ ରୁ ଅଧିକ ଉଗ୍ର ହେବାକୁ ଲାଗିଲା । ଏମାନଙ୍କ ବିଦ୍ରୋହ ଇଂରେଜମାନଙ୍କୁ ଆହୁରି ତତେଇଲା । ବଙ୍ଗଳାରୁ ଆସିଥିବା କମ୍ପାନୀର ଅଣଓଡ଼ିଆ ହାକିମ ଏବଂ କର୍ମଚାରୀମାନେ ଓଡ଼ିଆ ଲୋକଙ୍କ ଉପରେ ଅତ୍ୟାଚାର କଲେ । ଜୟୀ ରାଜଗୁରୁଙ୍କ ଫାଶୀଦିନଠାରୁ ୧୧ବର୍ଷ ମଧ୍ୟରେ ଅନେକ ବିଦ୍ରୋହ ହେଲା । କିନ୍ତୁ ଜାଣି ଜାଣି ଅନେକ ଘଟଣାକୁ ଦବେଇକି ରଖାଗଲା । ହେଲେ ମାନି ନ ଥିଲେ ପାଇକମାନେ । ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ସେମାନେ ତୀବ୍ରଭାବେ ପୁଣି ଇଂରେଜ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଲେ ।

**ବକ୍ସିଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ:** ରୋଡ଼ଙ୍ଗର ଜମିଦାର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟଙ୍କ ନେତୃତ୍ୱରେ ୧୮୧୭ରେ ପାଇକମାନେ ଇଂରେଜ ବିରୋଧରେ ସଂଗ୍ରାମ କରିଥିଲେ । ବକ୍ସିଙ୍କ ନେତୃତ୍ୱରେ ଅଧିକ ଶକ୍ତିଶାଳୀଭାବେ ସଂଗଠିତ ହୁଅନ୍ତି ପାଇକମାନେ । ଏହାଥିଲା ଖୁବ୍ ବଡ଼ ଧରଣର ପାଇକ ବିଦ୍ରୋହ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା କ୍ଷେତ୍ର ପୁରୀ ହିନ୍ଦୁମାନଙ୍କ ପବିତ୍ର ତୀର୍ଥଭୂମି । ସେତେବେଳେ ଇଂରେଜ ସାହେବ କାପ୍ତାନ ୱେଲିଂଟନ

→





କଟକରୁ ଏକ ଟାଣୁଆ ସୈନ୍ୟ ଦଳଙ୍କୁ ନେଇ ପୁରୀ ଗଲେ । ଖୋର୍ଦ୍ଧାରେ ୫୫୦ ସିପାହୀଙ୍କୁ ଧରି କାପ୍ତାନ ରହୁଥିଲେ । ସରକାରୀ ସୈନ୍ୟବାହିନୀରେ ତୋପ ଓ ବନ୍ଧୁକ ଥିଲା । ପାଇକମାନଙ୍କର କେବଳ ନଳୀ ବନ୍ଧୁକ, ଲାଠି ଓ ଢାଲ, ତଲୁଆର ଥିଲା । ଇଂରେଜ ସରକାରଙ୍କ ଅନ୍ୟ କେତେଜଣ ସିପାହିଙ୍କୁ ଧରି କାପ୍ତାନ ଫାବର ଦୋବନ୍ଧାଠାରେ ରହି ପୁରୀ ଆଡ଼େ ଅଗ୍ରସର ହେଲେ । ଇତ୍ୟବସରରେ ବକ୍ସି ପୁରୀର ଆଖପାଖ ଅଞ୍ଚଳର ବିଦ୍ରୋହୀମାନଙ୍କୁ ଏକତ୍ରିତ କରି ସୁକଳ ଗ୍ରାମରେ ଛାଉଣୀ ପକାଇଲେ । ଏପ୍ରିଲ ୧୨ ତାରିଖ ( ୧୮୧୭ରେ) ସନ୍ଧ୍ୟା ସମୟରେ ଲୋକନାଥ ଘାଟ ବାଟେ ବକ୍ସିଙ୍କ ପାଇକ ସୈନ୍ୟ ପୁରୀ ସହରରେ ପ୍ରବେଶ କରି ରାତିରେ ପୁରୀ ସହରର ସରକାରୀ କଚେରି ଓ ସରକାରୀ କୋଠାବାଡ଼ି ପୋଡ଼ିଦେଲେ । ଇଂରେଜ ହାକିମମାନେ ଭୟରେ ସମୁଦ୍ର କୂଳରେ କେତୋଟି ସରକାରୀ ଘରେ ଲୁଚି ରହିଲେ । ରାଜ ମୁକୁନ୍ଦ ଦେବଙ୍କ ନଅରର ପାଇକମାନେ, ଶ୍ରୀଜଗନ୍ନାଥ ମନ୍ଦିର ସେବକମାନେ ଓ ସହରର ଅନେକ ଲୋକ ପାଇକମାନଙ୍କୁ ସାହାଯ୍ୟ କରିଥିଲେ । ଜାଗା ଆଖଡ଼ା ଘରେ ପହିଲିମାନ ମଲ୍ଲମାନେ ପାଇକ ସଂଗ୍ରାମରେ ଯୋଗଦେବାରୁ ଏହା ଆହୁରି ବ୍ୟାପକ ହୋଇଥିଲା । ପାଇକମାନଙ୍କ ରଣ ହୁଙ୍କାରରେ ଇଂରେଜ ସୈନ୍ୟ ଭୟଭୀତ ହୋଇଥିଲେ । ମନ୍ଦିରର କେତେକ ପଣ୍ଡାମାନେ ଘୋଷଣା କଲେ ଯେ ଇଂରେଜ ରାଜତ୍ୱ ଶେଷହୋଇ ଖୋର୍ଦ୍ଧା ରାଜାଙ୍କ ଶାସନ ଚାଲୁ ହେଲା । ବିଦ୍ରୋହୀମାନେ ପୁରୀ ସମୁଦ୍ରକୂଳ ଜଙ୍ଗଲରେ ଛାଉଣୀ ପକାଇଥିଲେ । ପାଇକମାନଙ୍କ ସଂଗ୍ରାମ ଯୋଗୁ ଇଂରେଜମାନେ ପୁରୀ ଛାଡ଼ି କଟକ ପଳାଇଥିଲେ ।

**ଗଙ୍ଗପଡ଼ା ଓ ଖୋର୍ଦ୍ଧାଠାରେ ବିଦ୍ରୋହ:** ଇଂରେଜ ଲ୍ୟୁଟନାଣ୍ଟ ସୈନ୍ୟ ଧରି ଆସୁଥିବାର ଖବର ପାଇ ପାଇକମାନେ ଗଙ୍ଗପଡ଼ା ରାସ୍ତା ଉପରେ ପାଚେରି କରି ଇଂରେଜ ସୈନ୍ୟଙ୍କୁ ଅଟକାଇଥିଲେ । ଫଳରେ ଯୁଦ୍ଧ ହେଲା ଏବଂ ଆକ୍ରମଣରେ ଇଂରେଜ ସୈନ୍ୟ ପଳାୟନ କରିଥିଲେ । ଇତ୍ୟବସରରେ ବକ୍ସି ଜଗବନ୍ଧୁ ହଜାର ହଜାର ବିଦ୍ରୋହୀ ପାଇକମାନଙ୍କୁ ନେଇ ବାଣପୁର ନିକଟସ୍ଥ ପଞ୍ଚଗଡ଼ରେ ପହଞ୍ଚି ଇଂରେଜମାନଙ୍କୁ ସାହାଯ୍ୟ କରୁଥିବା ସନ୍ଦେଶ ପାଇ ରାଣୀ ମୁକ୍ତା ଦେଈଙ୍କ ଘର ଆକ୍ରମଣ କରି ଦେୱାନଙ୍କୁ ବାନ୍ଧିଥିଲେ । ସେଠାରୁ ସବୁ ଲୁଟକରି ବିଦ୍ରୋହୀମାନେ ଖୋର୍ଦ୍ଧା ଆଡ଼କୁ ଅଗ୍ରସର ହୋଇଥିଲେ । ଏମାନଙ୍କ ସହିତ ବାଟରେ ବିଭିନ୍ନ ଗାଁର ପାଇକମାନେ ମିଶୁଥିବାରୁ ପାଇକଙ୍କ ସଂଖ୍ୟା ବଢିଥିଲା । ଏହାପରେ ବିଦ୍ରୋହୀମାନେ ଖୋର୍ଦ୍ଧାରେ ସରକାରୀ ଦଲିଲ, ଦସ୍ତାବିଜ ଆଦି ପୋଡ଼ାଜଳା କରିଥିଲେ ।

**ତାପଙ୍ଗ ଦଳବେହେରାଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ:** ଖୋର୍ଦ୍ଧାର ତାପଙ୍ଗଗଡ଼ର ପୂର୍ବ ଦିଗରେ ଏକ ପାହାଡ଼ ଓ କାଣ୍ଡଗୋଦା ପଡ଼ିଆ ରହିଛି । ସେତେବେଳେ ଏଠାରେ ପାଇକମାନେ ବିଭିନ୍ନ ଦେଶୀ ଅସ୍ତ୍ରଶସ୍ତ୍ର ଗୋପନ ଭାବେ ରଖୁଥିଲେ । ତାପଙ୍ଗଗଡ଼ ଦଳବେହେରା ଥିଲେ ଜଣେ ସାହସୀ ଯୋଦ୍ଧା । ସେ ରାଜା ମୁକୁନ୍ଦ ଦେବଙ୍କର ଖୁବ୍ ବିଶ୍ୱସ୍ତ ଥିଲେ । ଖୋର୍ଦ୍ଧାରେ ପାଇକ ସଂଗ୍ରାମର ୩ୟ ପର୍ଯ୍ୟାୟ ଯୁଦ୍ଧ ତାପଙ୍ଗଗଡ଼ରେ ୧୮୨୭ ମସିହାରେ ହୋଇଥିଲା । ତାପଙ୍ଗଗଡ଼ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ପାଇକମାନେ ଇଂରେଜ ସେନାଙ୍କ ସହିତ ଲଢେଇ କରିଥିଲେ । ତାପଙ୍ଗଗଡ଼ କାଣ୍ଡଗୋଦା ରଣଭୂଇଁରେ ପ୍ରଥମ ଦିନ ଯୁଦ୍ଧରେ ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ ଧନୁଞ୍ଜୟ ଶ୍ରୀଚନ୍ଦନ ପ୍ରଧାନ ସେନାପତି ହୋଇ ଯୁଦ୍ଧ ପରିଚାଳନା କରିଥିଲେ । ଏହି ଗଡ଼ର ପାଇକ ବାହିନୀଙ୍କ ଆରାଧ୍ୟ ଦେବୀ ମା' ହସ୍ତେଶ୍ୱରୀ, ମା' ଦକ୍ଷିଣଚଣ୍ଡୀଙ୍କୁ ପୂଜା କରି ଆଶୀର୍ବାଦ ନେଇ ଯୁଦ୍ଧ କରୁଥିଲେ । ଦ୍ୱିତୀୟ ଦିନ ଯୁଦ୍ଧ ଭୀଷଣ ଆକାର ଧାରଣ କରିଥିଲା । ଉଭୟ ପକ୍ଷରୁ ପ୍ରାୟ ୮୦ଜଣ ନିହତ ହୋଇଥିଲେ । ଏହି ଯୁଦ୍ଧର ପଞ୍ଚମ ଦିନ ଥିଲା ମଙ୍ଗଳବାର । ଦେବୀ ପୂଜକ ତାପଙ୍ଗ ଦଳବେହେରା ମା' ହସ୍ତେଶ୍ୱରୀଙ୍କୁ ପୂଜା ଉପାସନା କରି ଇଂରେଜ ସେନାଙ୍କୁ ନିହତ କରିଥିଲେ । ମାତ୍ର ଦଳବେହେରାଙ୍କ ଗୁମାସ୍ତା ଥିବା ଦଧିମାଛ ଗାଡ଼ିଆର ମଧୁସୂଦନ ପଟ୍ଟନାୟକ (ମୌସମ ପଟ୍ଟନାୟକ) ସେଦିନ ରାତିରେ ଇଂରେଜମାନଙ୍କୁ ଦଳବେହେରାଙ୍କ ଅସ୍ତ୍ରାଗାର ଓ ତାଙ୍କ ଆରାଧ୍ୟ ଦେବୀଙ୍କୁ ଅପବିତ୍ର କରିବାର ଉପାୟ ବତାଇଦେଇଥିଲେ । ୬ଷ୍ଠ ଦିନ ଯୁଦ୍ଧରେ ଇଂରେଜମାନେ ତାପଙ୍ଗ ଦଳବେହେରାଙ୍କ ଅସ୍ତ୍ରାଗାରକୁ ଧ୍ୱଂସକରି ଦେବୀଙ୍କୁ ମଧ୍ୟ ମାରାକରି ଦେଇଥିଲେ । ଦଳ ବେହେରା ସେତେବେଳେ ଆତ୍ମଗୋପନ କରି ସଂଗ୍ରାମ କରିବା ପାଇଁ ଯୋଜନା କରୁଥିଲେ । ଇଂରେଜମାନେ ଦଳ ବେହେରାଙ୍କୁ ଧରିବା ପାଇଁ ପୁରସ୍କାର ଘୋଷଣା କରିଥିଲେ । ସେହି ସମୟରେ ଜଣେ କୈବର୍ତ୍ତ ନିଜ ଦୁଃଖ ଦୂର କରିବା ପାଇଁ ଦଳ ବେହେରାଙ୍କୁ ଖୋଜୁଥିଲେ । କାରଣ ସେ ଗରିବଙ୍କ ଦେବଦୂତ ଥିଲେ । କୈବର୍ତ୍ତର ଦୁଃଖ ଶୁଣି ଦଳ ବେହେରା ଇଂରେଜଙ୍କ ହାତରେ ନିଜେ ଧରାଦେଇ କହିଥିଲେ ମୋ ନାଁରେ ଯେଉଁ ପୁରସ୍କାର ଅଛି ଏହି ଲୋକକୁ ପ୍ରଦାନ କରାଯାଉ । କିନ୍ତୁ ଦଳ ବେହେରାଙ୍କ ବଦଳରେ ସେହି ପୁରସ୍କାର ଗ୍ରହଣ କରିବାକୁ ମନା କରିଦେଇଥିଲା । ତା'ର ଦେଶପ୍ରେମରେ ଇଂରେଜଙ୍କର ମଥା ନଇଁ ଯାଇଥିଲା । ମାତ୍ର ଦଳ ବେହେରାଙ୍କ ଦେଶଦ୍ରୋହୀ ଗୁମାସ୍ତା ମଧୁସୂଦନ ପଟ୍ଟନାୟକ ଏତେବେଳକୁ ଖୋର୍ଦ୍ଧାର ତହସିଲଦାର ହୋଇ ଜାଗିରି ପାଇଥିଲେ ।

**ଘୁମୁସରରେ ପାଇକ ବିଦ୍ରୋହ:** ଗଞ୍ଜାମ ଜିଲାର ଘୁମୁସର ଏକ ଗଡ଼ଜାତ ଅଞ୍ଚଳ । ୧୭୫୩ ମସିହାରୁ ଘୁମୁସରର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ପାଇକମାନେ ବିଦେଶୀଙ୍କ ବିରୋଧରେ ସଂଗ୍ରାମ କରିଥିଲେ । ରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି ରାଜା ଧନଞ୍ଜୟ ଭଞ୍ଜଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବିଦ୍ରୋହ ଲାଗି ରହିଥିଲା । ଘୁମୁସର ରାଜ୍ୟର ରାଜା ଧନଭଞ୍ଜଙ୍କ ପ୍ରତି ଇଂରେଜମାନେ ଅନ୍ୟାୟ କରି ତାଙ୍କୁ ଗାଦିଚ୍ୟୁତ କରାଇଥିଲେ । ସେ ୧୮୧୯ରେ ବିତାଡ଼ିତ ହୋଇଥିଲେ । ସେତେବେଳେ ଦୋରା ବିଶୋଇ ବଣପାହାଡ଼ ଅଞ୍ଚଳରେ ଆଶ୍ରୟ ନେଇ କନ୍ଧମେଳି ସଂଗଠନ କରି ଇଂରେଜମାନଙ୍କ ବିରେଧରେ ସଂଗ୍ରାମ କରିଥିଲେ । ଘୁମୁସର ପର୍ବତ ଅଞ୍ଚଳରେ ଇରେଜମାନଙ୍କ ସହିତ ଗରିଲା ଯୁଦ୍ଧ ଚାଲୁରହିଥିଲା ।

**ବାଣପୁରରେ ପାଇକ ବିଦ୍ରୋହ:** ଖୋର୍ଦ୍ଧାର ବାଣପୁର ପଲଟନ ପଡ଼ିଆରେ ଇଂରେଜମାନଙ୍କ ଶିବିର ଉପରେ ପାଇକମାନେ ଆକ୍ରମଣ କରିଥିଲେ । ସେତେବେଳେ ବାଣପୁର ଥାନାରେ ସିପାହି, ଦାରୋଗାଙ୍କ ସଂଖ୍ୟା କମ୍ ଥିଲା । ପାଇକମାନେ ବାଣପୁର ଥାନା ଓ ବଜାରରେ ରହିଥିବା ସରକାରୀ କୋଠାଗୁଡ଼ିକୁ ପୋଡ଼ିଦେଇଥିଲେ । ଏହି ସମୟରେ ଚିଲିକା କୂଳରେ ଲୁଣ ଏଜେଣ୍ଟ ବେଚର ସାହେବଙ୍କ ଡଙ୍ଗାକୁ ନେଇଯାଇଥିଲେ । ବାଣପୁର ଅଞ୍ଚଳ ଅରାଙ୍ଗଗଡ଼ର ଦଳବେହେରା, କନ୍ଧମାନେ ମେଳି ହୋଇ କୃତ୍ତିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ୧୮୩୬ ମସିହା ଜୁନ୍ ୪ ତାରିଖରୁ ୬ ତାରିଖ ଯାଏ ପାଇକ ବିଦ୍ରୋହ କରିଥିଲେ । ଇଂରେଜମାନଙ୍କ କବଳରୁ ବାଣପୁରକୁ ମୁକ୍ତ କରାଯାଇଥିଲା । ପଞ୍ଚାନନ ନାୟକ, ରାଜା ବ୍ରଜେନ୍ଦ୍ର ସିଂ, ଭାଟପଡ଼ାର ଦୀନବନ୍ଧୁ ସାମନ୍ତରା ପ୍ରମୁଖଙ୍କ ନେତୃତ୍ୱରେ ଏଠାରେ ସଂଗ୍ରାମ ହୋଇଥିଲା ।

ତେବେ ୧୮୦୪, ୧୮୧୭, ୧୮୨୫, ୧୮୨୭ ଓ ୧୮୩୬ ମସିହାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଇକମାନଙ୍କ ଦ୍ୱାରା ଇଂରେଜଙ୍କ ବିରୋଧରେ ଜୋରଦାର ସଂଗ୍ରାମ ହୋଇଥିଲା । ବିଭିନ୍ନ ସମୟରେ ସଂଗଠିତ ହୋଇଥିବା ପାଇକ ସଂଗ୍ରାମର ନେତୃତ୍ୱ ନେଇଥିଲେ ମହାନ୍ ପାଇକ ଯୋଦ୍ଧା ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ତାପଙ୍ଗ ଦଳବେହେରା, ସାମନ୍ତ ମାଧବଚନ୍ଦ୍ର ରାଉତରାୟ, ଦାରୁଠେଙ୍ଗର ପିଣ୍ଡିକି ବାହୁବଳେନ୍ଦ୍ର, ଚକରା ବିଶୋଇ, ପଞ୍ଝୁ ନାଏକ, କୃତ୍ତିବାସ ପାଟ୍ଟଶାଣୀ, ଦିନା ଜାନୀ, ସାଧୁ ଜାନୀ, ଲୋଚନ ବିଶୋଇ, ବ୍ରଜନନ୍ଦ ସିଂ, ଦିନବନ୍ଧୁ ସାମନ୍ତରାୟ , ଚନ୍ଦନ ହଜୁରୀ, ବୀର ସୁରେନ୍ଦ୍ର ସାଏ, ସାଧୁଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ, ଗଞ୍ଜାମର ବୀରେନ୍ଦ୍ର ପଟ୍ଟନାୟକ, ଖୋର୍ଦ୍ଧାର ପୀତବାସ ମଙ୍ଗରାଜ, ରାମଚନ୍ଦ୍ର ସାମନ୍ତସିଂହାର ସମେତ ଆହୁରି ଅନେକ ଓଡ଼ିଆ ବୀରମାନେ ଅଛନ୍ତି । ଏସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

**– ବନବିହାରୀ ବେହେରା**



# ସନ୍ଥ ଓ ରାଜାଙ୍କ ବନ୍ଧୁତାର କଥା



**ଜଣେ ହୃଦୟବାନ ରାଜା । ଆଉ ଜଣେ ମହାନ୍ ସନ୍ଥ। ଦୁହିଁଙ୍କର ହୁଏ ଦେଖା। ଦୁହେଁ ପାଲଟି ଯାଆନ୍ତି ବନ୍ଧୁ। ରାଜାଙ୍କ ସହୃଦୟ ସାହାଯ୍ୟ ପାଇଁ ସନ୍ଥ ପାଆନ୍ତି ନୂଆ ପରିଚୟ। ସାରା ଦୁନିଆରେ ଶୁଭେ ତାଙ୍କରି ଜୟ ଜୟକାର। ପରେ ଏହି ଦୁଇବନ୍ଧୁ ମିଶି ଭାରତବର୍ଷର ମଙ୍ଗଳ ପାଇଁ କରିଚାଲନ୍ତି କାମ। ସେହି ରାଜା ହେଉଛନ୍ତି ରାଜସ୍ଥାନ, କ୍ଷେତ୍ରୀର ମହାରାଜ ଅଜିତ ସିଂ ବାହାଦୁର ଓ ମହାନ୍ ସନ୍ଥ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ଯାହାଙ୍କ ବନ୍ଧୁତା କାଳ କାଳକୁ ଉଦାହରଣ ହୋଇ ରହିଛି..**

**୧୮୬୧** ମସିହା, ଅଲସିସର୍‌ରେ ଜନ୍ମିତ ଅଜିତ ସିଂ ବାହାଦୁର ୧୮୭୦ରେ ହୋଇଥିଲେ ରାଜସ୍ଥାନ କ୍ଷେତ୍ରୀର ଅଷ୍ଟମ ରାଜା। ଆଉ ୧୮୬୩ ମସିହା, କଲିକତାର ବଙ୍ଗାଳୀ କାୟସ୍ଥ ପରିବାରରେ ଜନ୍ମିତ ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ସନ୍ଥ। ଯେକି ମାତ୍ର ୧୮ ବର୍ଷ ବୟସରେ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସନ୍ନ୍ୟାସୀ ପାଲଟି ଯାଇଥିଲେ। ଆଉ ଯେବେ ରାମକୃଷ୍ଣ ପରମହଂସଙ୍କ ଦେହାନ୍ତ ହେଲା ସେ ପ୍ରଥମେ ତ ବରନଗର ରାମକୃଷ୍ଣ ମଠ ଚାଲି ଯାଇଥିଲେ।  ପରେ ସେହି ମଠ ଛାଡି ଜଣେ ଭ୍ରମଣକାରୀ ସନ୍ନ୍ୟାସୀଭାବେ ଜୀବନ ଆରମ୍ଭ କରିଥିଲେ।

**ପ୍ରଥମ ଦେଖା:** ଏମିତି ଭ୍ରମଣ କରୁ କରୁ ଜୁନ୍ ୧୮୯୧ ମସିହାରେ ବିବେକାନନ୍ଦ ରାଜସ୍ଥାନର କ୍ଷେତ୍ରୀରେ ପହଞ୍ଚିଥିଲେ। ଆଉ ଜୁନ୍ ୪ ତାରିଖରେ ତାଙ୍କର ପ୍ରଥମ ଭେଟ ରାଜା ଅଜିତ ସିଂଙ୍କ ସହ ହୋଇଥିଲା। ବିବେକାନନ୍ଦଙ୍କ ଇଂରାଜୀ, ବଙ୍ଗାଳୀ ଓ ସଂସ୍କୃତ ଭାଷାରେ ପ୍ରବୀଣତା ଦେଖି ରାଜା ଅଜିତ ସିଂ ଚକିତ ହୋଇଯାଇଥିଲେ। ଆଉ ଦୁହେଁ ବିଭିନ୍ନ ବିଷୟ ଉପରେ ଚର୍ଚ୍ଚା କରିଥିଲେ। ରାଜା ସ୍ୱାମିଜୀଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ ଉଭୟ ବନ୍ଧୁ ଓ ଗୁରୁଭାବେ ଗ୍ରହଣ କରିନେଇଥିଲେ।

ଅଜିତ ସିଂ ବିବେକାନନ୍ଦଙ୍କୁ ରାତ୍ରିଭୋଜନ ପାଇଁ ବି ନିମନ୍ତ୍ରଣ କରିଥିଲେ। ରାତ୍ରିଭୋଜନ ଦୁହେଁ ମିଶି କରିଥିଲେ। ଏହାପରେ କ୍ଷେତ୍ରୀ ରାଜପ୍ରାସାଦରେ ବିବେକାନନ୍ଦ ୪ ଜୁନ୍‌ରୁ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ରହିଥିଲେ। ଭ୍ରମଣ ସନ୍ନ୍ୟାସୀଭାବେ ବିବେକାନନ୍ଦଙ୍କର ଏହାଥିଲା ଗୋଟିଏ ସ୍ଥାନରେ ତାଙ୍କର ସବୁଠାରୁ ଲମ୍ବା ସମୟର ରହଣି।

**ରାଜା ଅଜିତ ସିଂ ଦେଇଥିଲେ ବିବେକାନନ୍ଦ ନାମ:** ସ୍ୱାମିଜୀଙ୍କ ପିଲାଦିନର ନାଁ ଥିଲା ନରେନ୍ଦ୍ରନାଥ ଦତ୍ତ। ସମସ୍ତେ ତାଙ୍କୁ ନରେନ୍ଦ୍ର ବୋଲି ଡାକୁଥିଲେ। ଏହାବାଦ୍ ସେ କମଳେଶ, ସଚ୍ଚିଦାନନ୍ଦ ଓ ବିବିଦିଷାନନ୍ଦ ନାମରେ ବି ପରିଚିତ ଥିଲେ। ତେବେ ବିବିଦିଷାନନ୍ଦ ନାମ ଉଚ୍ଚାରଣ କରିବାରେ ରାଜା ଅଜିତ ସିଂଙ୍କୁ ସମସ୍ୟା ହେଉଥିଲା। ତେଣୁ ସେ ସ୍ୱାମିଜୀଙ୍କ ନାମ 'ବିବେକାନନ୍ଦ' ଦେଇଥିଲେ, ଯାହାକୁ ସ୍ୱାମିଜୀ ଆଦରର ସହ ଗ୍ରହଣ କରିଥିଲେ। ଆଉ ପରବର୍ତ୍ତୀ ସମୟରେ ସେ ଏହି ନାମରେ ହିଁ ଅଧିକ ପରିଚିତ ହୋଇଥିଲେ।

**ରାଜାଙ୍କ ପରାମର୍ଶରେ ପଗଡ଼ି ପିନ୍ଧା:** ରାଜପ୍ରାସାଦର ରହଣି ବେଳେ ରାଜସ୍ଥାନରେ ପ୍ରବଳ ଗରମ ଯୋଗୁ ବିବେକାନନ୍ଦ ବେଶ୍ ଅସ୍ତବ୍ୟସ୍ତ ହେଇଯାଉଥିଲେ। ଏହା ଦେଖି ରାଜା ଅଜିତ ସିଂ ବିବେକାନନ୍ଦଙ୍କୁ ରାଜସ୍ଥାନୀ ଶୈଳୀରେ ପଗଡି ପିନ୍ଧିବାକୁ ପରାମର୍ଶ ଦେବା ସହ ପଗଡି ପିନ୍ଧା ଶିଖାଇଥିଲେ। ସ୍ୱାମିଜୀ ଖୁବ୍ ଶୀଘ୍ର ପଗଡି ବନ୍ଧା ଶିଖି ଯାଇଥିଲେ। ତାଙ୍କୁ ପଗଡି ପିନ୍ଧିବା ଏତେ ଭଲ ଲାଗିଥିଲା ଯେ, ଏହା ତାଙ୍କ ଜୀବନର ଏକ ଅଂଶ ପାଲଟିଗଲା।

**ଚିକାଗୋ ଗସ୍ତ ସମ୍ଭବ ହୋଇଥିଲା ଅଜିତ ସିଂଙ୍କ ପାଇଁ:** ୧୮୯୩ରେ ଆମେରିକାର ଚିକାଗୋରେ ହେବାକୁ ଥିବା ଧର୍ମ ସଂସଦରେ ବକ୍ତାଭାବେ ଯୋଗ ଦେବାକୁ ୨୮ ବର୍ଷ ବୟସ୍କ ବିବେକାନନ୍ଦଙ୍କର ବହୁତ ଇଚ୍ଛା ଥିଲା।  ରାଜା ଅଜିତ ସିଂ ଯେତେବେଳେ ଏହା ଜାଣିଲେ ସେ ବିବେକାନନ୍ଦଙ୍କୁ ଭାରତ ତଥା ହିନ୍ଦୁଧର୍ମର ପ୍ରତିନିଧି ଭାବେ ଯୋଗ ଦେବାକୁ ପ୍ରୋତ୍ସାହିତ କରିଥିଲେ। ତା'ସହ ଆର୍ଥିକ ସାହାଯ୍ୟ ବି କରିଥିଲେ। ନିଜ ସଚିବ ମୁନ୍‌ଷୀ ଜଗମୋହନ ଲାଲଙ୍କୁ କହି ଓରିଏଣ୍ଟ କମ୍ପାନୀର ପେନିନଶୁଲା ନାମକ ଜାହାଜରେ ପ୍ରଥମ ଶ୍ରେଣୀର ଟିକେଟ କରାଇଦେଇଥିଲେ। ପହଞ୍ଚିବା ପରର ଖର୍ଚ୍ଚ ପାଇଁ ବି ଅର୍ଥ ଦେଇଥିଲେ। ହେଲେ ବିବେକାନନ୍ଦ ସେଠାରେ ପହଞ୍ଚିବା ପରେ ଟଙ୍କା ଚୋରି ହୋଇଯାଇଥିଲା। ଏ ଖବର ଯେତେବେଳେ ରାଜା ଅଜିତ ସିଂ ପାଇଲେ, ଟେଲିଗ୍ରାଫ୍ ସେବା ଯୋଗେ ପୁନଃ ଟଙ୍କା ପଠାଇଥିଲେ। ଚିକାଗୋର ବିଶ୍ୱ ଧର୍ମ ସଂସଦରେ ବିବେକାନନ୍ଦ ମୁଣ୍ଡରେ ପଗଡ଼ି ପିନ୍ଧି ଯୋଗ ଦେଇଥିଲେ। ମା' ସରସ୍ୱତୀଙ୍କ ବନ୍ଦନା କରି 'ସିଷ୍ଟର୍ସ ଆଣ୍ଡ ବ୍ରଦର୍ସ ଅଫ୍ ଆମେରିକା...'ରୁ ନିଜର ଓଜସ୍ୱୀ ସମ୍ଭାଷଣ ଆରମ୍ଭ କରିଥିଲେ। ତାଙ୍କ ଭାଷଣ ଏତେ ପ୍ରଭାବଶାଳୀ ଥିଲା ଯେ, ସମସ୍ତେ ସ୍ତମ୍ଭୀଭୂତ ହୋଇଯାଇଥିଲେ। ଆଉ ସାରା ପୃଥିବୀରେ ଭାରତର ମାନ ବଢ଼ିବା ସହ ସ୍ୱାମିଜୀ ଜଣେ ବହୁ ପରିଚିତ ଚେହେରା ଏବଂ ଅନେକଙ୍କ ଆଦର୍ଶ ପାଲଟି ଯାଇଥିଲେ।

**ସ୍ୱାମିଜୀଙ୍କ ପରିବାରକୁ ସହାୟତା:** ୧୮୯୧ ମସିହାରୁ ରାଜା ଅଜିତ ସିଂ କଲିକତାରେ ରହୁଥିବା ସ୍ୱାମିଜୀଙ୍କ ପରିବାରକୁ ୧୦୦ଟଙ୍କା ଷ୍ଟାଇପେଣ୍ଡ ଦେବା ଆରମ୍ଭ କରିଥିଲେ। ୧୮୯୮, ଡିସେମ୍ବର ୧ ତାରିଖରେ ବେଲୁରରୁ ସ୍ୱାମିଜୀ ବନ୍ଧୁ ଅଜିତ ସିଂଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଥିଲେ ଯେ-''ଦୟାକରି ଆପଣ ମୋ ପରିବାରକୁ ପ୍ରଦାନ କରୁଥିବା ଟଙ୍କାକୁ ସ୍ଥାୟୀ କରିଦିଅନ୍ତୁ, ଯେମିତି କି ମୋ ମୃତ୍ୟୁ ପରେ ବି ମୋ ମା' ନିୟମିତ ଏହି ଆର୍ଥିକ ସାହାଯ୍ୟ ପାଇବେ।'' ଅଜିତ ସିଂ ୧୮ ଜାନୁୟାରୀ ୧୯୦୧ ମସିହା ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସ୍ୱାମିଜୀଙ୍କ ମା'ଙ୍କୁ ପ୍ରତିମାସ ଅର୍ଥ ପଠାଉଥିଲେ। ପ୍ରସିଦ୍ଧ ଲେଖକ ମଣିଶଙ୍କର ମୁଖାର୍ଜୀ ତାଙ୍କ ବହି 'ଦ ମଙ୍କ ଆଜ୍ ମ୍ୟାନ୍ : ଦ ଅନନୋନ୍ ଲାଇଫ୍ ଅଫ୍ ସ୍ୱାମୀ ବିବେକାନନ୍ଦ'ରେ ଲେଖିଛନ୍ତି – ଅଜିତ ସିଂ ନିଜ ଗୁରୁଙ୍କ ପରିବାର ପ୍ରତି ଏତେ ସଦୟ ଥିଲେ ଯେ ସେ କରୁଥିବା ସାହାଯ୍ୟକୁ ଗୋପନ ରଖୁଥିଲେ।

**ସ୍ୱାମିଜୀଙ୍କ ସ୍ୱୀକାରୋକ୍ତି:** ବିବେକାନନ୍ଦ କରୁଥିବା ସମାଜସେବାମୂଳକ କାର୍ଯ୍ୟରେ ଯେଉଁ ଅର୍ଥ ଖର୍ଚ୍ଚ ହେଉଥିଲା ସେ ସବୁରେ ଅଜିତ ସିଂଙ୍କ ଆର୍ଥିକ ସହଯୋଗ ରହୁଥିଲା।


୧୮୯୭ ମସିହା ଡିସେମ୍ବର ୧୭ ତାରିଖରେ କ୍ଷେତ୍ରୀରେ ହୋଇଥିବା ଏକ ସଭାରେ ସ୍ୱାମିଜୀ ସର୍ବସମ୍ମୁଖରେ କହିଥିଲେ ଯେ, 'ସମାଜ ପାଇଁ ମୁଁ ଯାହା ବି କରିଛି ତାହା ସମ୍ଭବ ହୋଇପାରି ନ ଥାଆନ୍ତା ଯଦି ମୋର ଭେଟ ଅଜିତ ସିଂଙ୍କ ସହ ନ ହୋଇଥାଆନ୍ତା।' ଅକ୍ଟୋବର ୧୧, ୧୮୯୭ ମସିହାରେ ସ୍ୱାମିଜୀ ମୁନ୍‌ଷୀ ଜଗମୋହନଲାଲଙ୍କୁ ପଠାଇଥିବା ଏକ ପତ୍ରରେ ଲେଖିଥିଲେ-''କିଛି ପୁରୁଷ ନିର୍ଦ୍ଦିଷ୍ଟ ସମୟରେ କିଛି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜନ୍ମ ନିଅନ୍ତି। ଅଜିତ ସିଂ ଏବଂ ମୁଁ ଏପରି ଦୁଇଟି ଆତ୍ମା, ଯେକି ମାନବଜାତିର ମଙ୍ଗଳ କାର୍ଯ୍ୟରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଜନ୍ମ ହୋଇଛୁ...। ଅର୍ଥାତ୍ ଆମେ ଦୁହେଁ ପରସ୍ପରର ପରିପୂରକ।''

–ଶିବାନୀ






# ଶିକ୍ଷା ବଞ୍ଚିବାର ରାହା ଦେଖାଏ





ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାଟି ଦିନରୁ ହିଁ ଜଣାପଡ଼ିଥିଲା ତାଙ୍କର ପ୍ରତିଭା । ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ଖାତିର ନ କରି ଅସୀମ ଧୈର୍ଯ୍ୟ, ପ୍ରଗାଢ଼ ଆତ୍ମବିଶ୍ୱାସ ଓ ଅଧବସାୟ ବଳରେ ଅନେକ କାର୍ଯ୍ୟରେ ସଫଳତା ହାସଲ କରିଛନ୍ତି । ଏକ ଧାରାରେ ସେ ଜଣେ ଆଧ୍ୟାତ୍ମିକବାଦୀ, ସମାଜସେବୀ, ଶିକ୍ଷାବିତ, ଅର୍ଥନୀତିଜ୍ଞ, ଆଇନଜୀବୀ, ପ୍ରାବନ୍ଧିକ, ଗାଳ୍ପିକ ତଥା ଜାତୀୟ ବିଜ୍ଞାନଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ନାଇଜରର ପ୍ରଥମ ଓଡ଼ିଆ କୁଳସଚିବ । ଶିକ୍ଷା ଓ ପ୍ରଶାସନ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଶତାଧିକ ପୁରସ୍କାର ଓ ସମ୍ମାନ । ସେ ହେଲେ **ଡ. ଅଭୟ ନାୟକ** । ମାତା– ଚମ୍ପାଦେବୀ, ପିତା ଦାମୋଦର ନାୟକ । ଘର ଜଗତ୍‌ସିଂହପୁର ଜିଲାର ପାଟେଣୀ ଗାଁରେ । ଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ପାଠପଢ଼ା ସାରି ୧୯୮୦ରେ ସେ ଶ୍ରୀକୃଷ୍ଣ ଏକାଡ଼େମୀରୁ ମାଟ୍ରିକ ପରୀକ୍ଷାରେ ଜଣେ ମେଧାବୀ ଛାତ୍ର ରୂପେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟରୁ ସ୍ନାତକ, ରେଭେନ୍‌ଶାରୁ ଅର୍ଥନୀତିରେ ସ୍ନାତକୋତ୍ତର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଏମ୍.ଫିଲ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ । ସମୟକ୍ରମେ ଆଇନରେ ସ୍ନାତକ, ଏମ୍‌ବିଏ, ଏମ୍‌ସିଏ ଆଦି ଶିକ୍ଷା ଲାଭ କରିଥିଲେ । ପ୍ରଥମେ ସେ ଅଧ୍ୟାପକ ଭାବେ ଚାକିରି ଅରମ୍ଭକଲେ । ପରେ ଭାରତୀୟ ରେଲୱେର ଆକାଉଣ୍ଟସ ବିଭାଗରେ, ରାଜ୍ୟ ସରକାରଙ୍କ ନିୟୋଜନ ବିଭାଗରେ(ଓଏଏସ୍)ରୂପେ ଏବଂ କାନପୁର ଆଇଆଇଟିରେ ଆସିଷ୍ଟାଣ୍ଟ ଓ ଡେପୁଟି ରେଜିଷ୍ଟ୍ରାର ହୋଇ ସୁଚାରୁରୂପେ କାର୍ଯ୍ୟ କରିଥିଲେ । ଏଥିସହିତ୨୦୦୯ରେ ନାଇଜରର କୁଳସଚିବ ଭାବେ କାର୍ଯ୍ୟ କରି ୨୦୨୫ ମସିହା ଏପ୍ରିଲରେ ଅବସର ନେଇସାରିଲେଣି । କିନ୍ତୁ ସାହିତ୍ୟକୁ ନିଜ ଜୀବନର ବ୍ରତ କରିଛନ୍ତି । ସେ କୁହନ୍ତି,'ଶ୍ରଦ୍ଧାନନ୍ଦ ଗିରିଙ୍କ ଜୀବନୀର ଅନୁଭୂତିକୁ ନେଇ ଗୁରୁକୃପା ନାମରେ ୬ଟି ପୁସ୍ତକ, ଗୁରୁଙ୍କବାଣୀଙ୍କୁ ସଂକଳନ କରି ଦିବ୍ୟ ସମ୍ଭାଷଣ, ଗଳ୍ପ ପୁସ୍ତକ ପାଦଚିହ୍ନ, ଶ୍ରଦ୍ଧାଧାରା, ଆନନ୍ଦମୟ ଶ୍ରୀଜଗନ୍ନାଥ, ଆର୍ତ୍ତତ୍ରାଣ ଶ୍ରୀଜଗନ୍ନାଥ, ଦେବହୂତି, ଆଚରଣରେ ଶ୍ରୀଜଗନ୍ନାଥ (୪ଖଣ୍ଡ), ଦିବ୍ୟ ଅନୁଭବରେ ଶ୍ରୀଗୁରୁଦେବ, ନୀଳଚକ୍ର, ଶରଧାବାଲି, ଆମ କାଳିଆସାଆନ୍ତ, ଚରଣେଶରଣ, ଶ୍ରୀଜଗନ୍ନାଥ ଓ ବାଇଶ ପାହାଚ ଆଦି ପୁସ୍ତକ ମହାପ୍ରଭୁଙ୍କ ଆଶୀର୍ବାଦରୁ ଲେଖିପାରିଛି । ଛାତ୍ର ଜୀବନରୁ ଭାଗବତ ପାଠ କରୁଥିଲି । ପିଲାଦିନେ ପାଠକୁ ଯେତିକି ଗୁରୁତ୍ୱ ଦେଉଥିଲି ସେତିକି ଗୁରୁତ୍ୱ ଦେଉଥିଲି ଖେଳକୁ । ଗାଁରେ ଥିବା ଇଟିଙ୍ଗା ଗହୀରକୁ ଯାଇ କିଛିକାମ କରି ଫେରୁଥିଲି । ଘରେ ପୁରାଣ ଶୁଣେ । ବିଭିନ୍ନ ଚରିତ୍ରମାନଙ୍କୁ ଅନୁଧ୍ୟାନ କରେ । ସେଇଥିରୁ ହିଁ ମୋତେ ପ୍ରେରଣା ମିଳୁଥିଲା । ଅ ଆ ପଢ଼ିବା ପରେ ଜାଣିଲି ଅ –ହେଉଛି ଅଧ୍ୟବସାୟ, ଆ ହେଉଛି– ଆଶୀର୍ବାଦ । ଶିକ୍ଷା ଓ ବିଦ୍ୟା ସମାନ ନୁହେଁ । ଶିକ୍ଷା ବଞ୍ଚିବାର ରାହା ଦେଖାଏ, ବିଦ୍ୟା ମୁକ୍ତିର ମାର୍ଗ ଦେଖାଏ । ଆଗକାଳରେ ଗୁରୁକୁଳରେ ପ୍ରଥମେ ନୈତିକ ଶିକ୍ଷା ଦିଆଯାଉଥିଲା ।










ଛାତ୍ରୀଛାତ୍ରଙ୍କୁ ସଂସ୍କାରି କରାଯାଉଥିଲା । କିପରି ଭଲ ମଣିଷ ହେବେ ଉଦ୍ୟମ କରୁଥିଲେ । ରେଭେନ୍‌ଶାରେ ସ୍ନାତକୋତ୍ତର ପଢିଲାବେଳେ ମୋ ବୋଉ କହିଥିଲା– 'ପୁଅରେ ଘର ଅବସ୍ଥା ତ ଦେଖୁଛୁ ସବୁ ତୋ ଉପରେ । ଆଉ ମନେ ରଖିବୁ ପ୍ରଥମେ ଛୋଟ ମାଛଟିଏ ଅଣ୍ଟିରେ ପୂରେଇ ବଡ଼ମାଛ ଧରିବାକୁ ଚେଷ୍ଟା କରିବୁ ।' ବୋଉର ସେଇ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରିଛି । ଏଥିଯୋଗୁ ପ୍ରଥମେ ୩ଶହ ଟଙ୍କା ଦରମାରେ ଅଧ୍ୟାପକ ଚାକିରି କରିଥିଲି । ୨୦୧୦ ରେ ଆମେରିକାର ଉଇସକନ୍‌ସିନ ମାଡ଼ିସନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେବା ସହିତ ସଭାପତିତ୍ୱ କରିଥିଲି । ୨୦୧୨ରେ ଆମେରିକା ଓ ଭାରତ ସରକାରଙ୍କ ମିଳିତ ଆନୁକୂଲ୍ୟରେ (ୟୁଏସଆଇଏଫଇ)ଶିକ୍ଷା ପ୍ରଶାସକଙ୍କ ସମ୍ମିଳନୀରେ ଯୋଗ ଦେଇ ୱାଶିଂଟନ ଡିସି ,ଫିଲା ଡ଼େଲଫିଆ ଏବ ନିୟୁର୍କରେ ଥିବା କୋଡ଼ିଏରୁ ଅଧିକ ବିଶ୍ୱବିଦ୍ୟାଳୟକୁ ଭ୍ରମଣରେ ଯାଇଥିଲି । ଏଥିରୁ ବହୁ ଶିକ୍ଷା ମିଳିଥିଲା ପାଠ ପଢିଲେ ଯେ କେବଳ ଶିକ୍ଷିତ ହେବେ ତାହା ନୁହେଁ, ପାଠ ସହିତ ସଂସ୍କାର, ଆଚରଣ ଓ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ମଣିଷଟି ହିଁ ଅସଲରେ ଶିକ୍ଷିତ । ଶିକ୍ଷାପଦ୍ଧତିକୁ ଯଦି ପ୍ରୟୋଗାତ୍ମକ କରାଯାଆନ୍ତା ସେଥିରେ ବେଶି ସୁଫଳ ମିଳନ୍ତା ।'

ଏହାଭିତରେ ଗାଁରେ ବଟ ଶ୍ରୀକ୍ଷେତ୍ର ପ୍ରତିଷ୍ଠା ହୋଇପାରିଛି । ନିର୍ମାଲ୍ୟ ପତ୍ରିକା ପ୍ରକାଶିତ ହୋଇଆସୁଛି । ଗାଁର ଉନ୍ନତିରେ ମୁଁ ସବୁବେଳେ ରହିଥାଏ । ଠାକୁରଙ୍କ ପୀଠରେ କାନ୍ଧରେ ମୃଦଙ୍ଗ ପକାଇ ଗୀତ ଗୋବିନ୍ଦ ଗାନ କରିବାରେ ଆନନ୍ଦ ପାଇଥାଏ । ଘରେ ପଖାଳ ଭାତ, ଆଳୁଭର୍ତ୍ତା , ପତ୍ରପୋଡ଼ା, ଆଳୁ ବାଇଗଣ ବଡ଼ି ତରକାରି ହିଁ ମୋର ପ୍ରିୟ ।

ତାଙ୍କର ବହୁମୁଖୀ ପ୍ରତିଭା ଯୋଗୁ ସେ ଅନେକ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ଯାହାମଧ୍ୟରେ କଲ୍ଲୋଳ ସମ୍ମାନ, ସତ୍ୟ ନାରାୟଣ ସମ୍ମାନ, ଆଧାତ୍ମିକ ସାହିତ୍ୟ ପାଇଁ ସୁନାବେଶ ସମ୍ମାନ, ହରେକୃଷ୍ଣ ମହତାବ ସମ୍ମାନ, ଉତ୍କଳ ଗୌରବ, ଶିକ୍ଷାଗୌରବ, କଳିଙ୍ଗପୁସ୍ତକ ମେଳା ସମ୍ମାନ ଆଦି ମିଳିଛି । ପତ୍ନୀ ମଧୁସ୍ମିତା, କନ୍ୟା ଅମୃତା, ପୁତ୍ର ଅମ୍ଲାନଙ୍କୁ ନେଇ ତାଙ୍କ ପରିବାର ।

–ବନବିହାରୀ





# ଅଭାବ

**-ସୁପ୍ତି କର**

**ଜ**ୟଶ୍ରୀ ପ୍ରସ୍ତୁତ ହେଉଥିଲା। ସୁନିତାର ସକାଳୁ ତିନିଥର ଫୋନରେ ତା'ପାଖକୁ ତାଗିଦ ଆସିଲାଣି, ଦିନ ଦଶଟା ଭିତରେ ରେଡି ହେବାକୁ। ଜୟଶ୍ରୀ ଓ ସୁନିତା ଦୁହେଁ ବାଲ୍ୟ ବାନ୍ଧବୀ। ବିବାହ ପରେ ବି ରୁହନ୍ତି ଏକା ସହରରେ। ସୁନିତା ଏବେ ସହରର ବିଶିଷ୍ଟ ଶିଳ୍ପପତି ସୁବ୍ରତ ପଟ୍ଟନାୟକଙ୍କ ସ୍ତ୍ରୀ ଆଉ ଜୟଶ୍ରୀ ଡାକ୍ତର ପ୍ରତାପ ପାଢ଼ୀଙ୍କର ସ୍ତ୍ରୀ। ଯୋଗକୁ ଜୟଶ୍ରୀର ପତି ସୁବ୍ରତଙ୍କର ଫ୍ୟାମିଲି ଡାକ୍ତର। ତେଣୁ ଦୁହିଁଙ୍କର ବାଲ୍ୟ ବନ୍ଧୁତା ଆହୁରି ନିବିଡ଼ ହୋଇଛି। ସୁନିତାର ସେଦିନ ବାରମ୍ବାର ଫୋନ ଆସିବାର କାରଣ ଏହି କି ଯେ- ଆଜି ସୁନିତାର ଏକମାତ୍ର ପୁଅର ଜନ୍ମଦିନ। ପୁଅ ତ ଅନ୍ୟ ସହରରେ ରହି ପଢ଼େ। ଅବଶ୍ୟ ଏବେ ତା'ର ବୋର୍ଡିଂ ସ୍କୁଲ ଶିକ୍ଷା ସମାପ୍ତ କରି କଲେଜରେ ପଢୁଛି। ହେଲେ ଦୂରରେ ରହିଲେ ବି ପ୍ରତିବର୍ଷ ସୁନିତା ତା' ପୁଅର ଜନ୍ମଦିନରେ ଆଖପାଖ ବସ୍ତିରେ ଖାଦ୍ୟ, ଉପହାର ଇତ୍ୟାଦି ବାଣ୍ଟିଆସେ। ତେଣୁ ସେହି ହିସାବରେ ଆଜି ପୁଅର ଜନ୍ମଦିନ କିନ୍ତୁ ତା' ସହିତ ଦୁଇ ବାନ୍ଧବୀଙ୍କର ସ୍କୁଲର ରିୟୁନିଅନ କାର୍ଯ୍ୟକ୍ରମ ଅଛି। ତେଣୁ ପ୍ଲାନ ଏଇଆ ହୋଇଛି କି ସୁନିତା ଜୟଶ୍ରୀକୁ ସାଥିରେ ନେଇ ଯିବ। ଦୁହେଁ ପାଖ ବସ୍ତିରେ ବଣ୍ଟାବଣ୍ଟି ସାରି ସ୍କୁଲ ରିୟୁନିଅନ କାର୍ଯ୍ୟକ୍ରମକୁ ଯିବେ। ପ୍ଲାନ ହିସାବରେ ଦୁହେଁ ଠିକ୍ ସମୟରେ ଘରୁ ବାହାରିଲେ। ସୁନିତା ଆଣିଥିବା ଖାଦ୍ୟ, ଉପହାର ବାଣ୍ଟି ସାରି ଗାଡ଼ି ଆଡ଼କୁ ମୁହାଁଇବା ବେଳେ ଅଚାନକ ବସ୍ତିର ତେର-ଚଉଦ ବର୍ଷର କିଛି ପିଲା ଦୁହିଁଙ୍କ ପାଖକୁ ଆସି କହିଲେ ସେମାନଙ୍କୁ କିଛି ଉପହାର କି ଖାଦ୍ୟ ମିଳିନି। ପାଖରେ ଆଣିଥିବା ଜିନିଷ ସବୁ ସରିଯାଇଥିବାରୁ ସୁନିତା କିଛି ଟଙ୍କା ବାହାର କରି ସେମାନଙ୍କୁ ଦେଲା ତାଙ୍କ ମନମୁତାବକ ଜିନିଷ କିଣି ନେବାକୁ। ଗାଡ଼ିରେ ଗଲାବେଳେ ସୁନିତା କହୁଥାଏ- ପୁଅ ପାଖକୁ ପଇସା ପଠେଇ ଦେଇଛି। ସେ ସାଙ୍ଗମାନଙ୍କ ସହ ଜନ୍ମଦିନ ଏଞ୍ଜୟ କରିବ। ଜୟଶ୍ରୀ କହିଲା- ତୁମେ ଦୁହେଁ ଗଲନି। ପୁଅ ସହ ଜନ୍ମଦିନଟି କଟାଇ ଆସିଥାନ୍ତ। ସୁନିତା କହିଲା- ଆରେ ମିଟିଂ ଆଉ ବିଜ୍‌ନେସ କାମରୁ ଫୁର୍‌ସତ୍ କାହିଁ ଯେ। ଆଜି ଫେରିଲେ ପୁଣି ରାତିରେ ଏକ ଜରୁରୀ ବିଜ୍‌ନେସ ପାର୍ଟି ଅଛି। ସ୍କୁଲ ରିୟୁନିଅନରୁ ଫେରୁ ଫେରୁ ସନ୍ଧ୍ୟା। ସେମାନେ ସେଇ ବସ୍ତିପାଖ ରାସ୍ତା ଦେଇ ଗାଡ଼ିରେ ଫେରୁଥିଲେ। ସେଠାରେ ପୋଲିସ ଓ ଲୋକଙ୍କ ଭିଡ଼ ଜମିଥିଲା। ଯିବାକୁ ରାସ୍ତା ନପାଇ ଡ୍ରାଇଭର ଗାଡ଼ି ରୋକିଲା। ସୁନିତା ଗାଡ଼ି କାଚ ତଳକୁ କରି, ମୁହଁ ଗଳାଇ ପାଖରେ ଠିଆ ହୋଇଥିବା ଜଣେ ପୋଲିସଙ୍କୁ ପଚାରିଲା- ଆଜ୍ଞା ଜାମ୍ କାହିଁକି ହୋଇଛି? ପୋଲିସ ଜଣକ କହିଲେ-ମାଡାମ! ଏଇ ବସ୍ତିରେ କିଛି ପିଲା ଚରସ, ଗଞ୍ଜା ଖାଉଥିଲେ ଆଉ ନିଶା କାରବାର କରୁଥିଲେ। ସୁରାକ ପାଇ ପୋଲିସ ଗିରଫ କରିଛି। ସୁନିତା ଓ ଜୟଶ୍ରୀଙ୍କ ନଜର ଗଲା ସକାଳେ ଯେଉଁ ପିଲାଙ୍କୁ ସେମାନେ କିଛି ପଇସା ଦେଇଥିଲେ ଠିକ୍ ସେଇ ପିଲାମାନଙ୍କ ଭଳି ଦେଖାଯାଉଥିବା କିଛି ପିଲାଙ୍କୁ, ପୋଲିସ ଠେଲି ଠେଲି ନେଇ ଜିପ୍‌ରେ ବସାଉଥିଲେ। ଜୟଶ୍ରୀ ମୁହଁରୁ ବାହାରି ପଡ଼ିଲା - ଆହା! ବିଚରା ଛୁଆଗୁଡ଼ାକ। ସୁନିତା କହୁଥାଏ ବୁଝିଲୁ ଜୟଶ୍ରୀ- କିଛିନାହିଁ, ଅଭାବରୁ ସ୍ୱଭାବ ନଷ୍ଟ। ଆର୍ଥିକ ସମ୍ବଳ ନାହିଁ ହେଲେ ବି ଗଣ୍ଡାଗୋଛା ଛୁଆ ଜନ୍ମ କରି ଦେଉଛନ୍ତି। ନା ଶିକ୍ଷା, ନା ମୁଠେ ଭଲ ଖାଇବାକୁ, ନା ଖଣ୍ଡେ ଭଲ ପିନ୍ଧିବାକୁ। ଶେଷରେ ଚୋରି କରିବେ, ନିଶା ଖାଇବେ ଏଇଆ କରିବେ। ସେଇ ଘଟଣାକୁ ଏହା ଭିତରେ ଦୁଇଦିନ ବିତିଗଲାଣି। ସେଦିନ ସକାଳେ ଜୟଶ୍ରୀ ଖବରକାଗଜ ପଢୁପଢୁ ଏକ ଖବର ଉପରକୁ ଆଖି ଗଲା- ବିଶିଷ୍ଟ ଶିଳ୍ପପତି ସୁବ୍ରତ ପଟ୍ଟନାୟକଙ୍କ ପୁତ୍ର ନିଶାସେବନ ଓ ବିକ୍ରି ଅଭିଯୋଗରେ ଗିରଫ। ତା' ପାଦତଳୁ ମାଟି ଖସିଗଲା ପରି ବୋଧହେଲା। ମୁଣ୍ଡକୁ ଜାବୁଡ଼ି ସେ ସୋଫା ଉପରେ ବସିଗଲା। ତଣ୍ଟି ଶୁଖିଗଲା ପରି ଲାଗିଲା। ଝିଅ ଈଶାକୁ ପାଣି ଗ୍ଲାସେ ମାଗି ପିଉ ପିଉ ଜୟଶ୍ରୀ ମନେ ପକାଉଥିଲା ସୁନିତାର ବିଗତ ଦିନର ମନ୍ତବ୍ୟକୁ ଆଉ ଭାବୁଥିଲା ସୁନିତା ଓ ସୁବ୍ରତଙ୍କ ଭଳି ଧନୀ ମା,ବାପାଙ୍କର ଏକମାତ୍ର ପୁଅର କ'ଣ ଅଭାବ ଥିଲା ଯେ ସେ ଏପରି କଲା ?

*-ଜେ.ଏନ. ଲେନ ଡେଲିମାର୍କେଟ*
*ରାଉରକେଲା, ମୋ :୯୪୩୮୩୯୩୮୩୮*

# ବନ୍ଧୁତ୍ୱର ଭାଷା

**-ମୋନାଲିସା ଦାଶ ଦ୍ୱିବେଦୀ**

**ସ**ମୟ ଦେଖାଏ ରାସ୍ତା
ଜାଳେ ଜିଇଁବାର ଆଶା
ଝୁଣ୍ଟିପଡି ଉଠି ଚାଲିବା ଶିଖାଏ
ଦୁଃଖ ମଧ୍ୟେ ଦିଏ ସୁଖର ସଂକେତ
ଲୁହରେ ହସ ଠିକଣା
ହାରିବାରେ ପୁଣି ଜିତିବା ଶିଖାଏ
ଚିହ୍ନାଏ ପର ଆପଣା ।

ପିଲାଦିନ ସାଙ୍ଗ ସାଥି
ସ୍କୁଲ ପାଠ ନୋଟ ଦିଆନିଆ
ନିରୀହ ମନର
ନିବିଡ ଭାବନା
ଯେବେ ଆଣେ ନୂଆ ବନ୍ଧୁତ୍ୱର ଉଷା
ସମୟକୁ ଭଲ ଲାଗେ
ଅନାବିଳ ବନ୍ଧୁତାର ପରିଭାଷା
ସମୟ ମନ ଭରି ହସେ
ମୁକୁଳି ଆସେ ବଉଳ
ଚଉଦିଗ ମହମହ ବାସେ ।

ବେଳେ ବେଳେ ସମୟକୁ
ହଜେଇବାକୁ ପଡେ
କେଉଁ ଏକ ବନ୍ଧୁତ୍ୱର ଅମୂଲ୍ୟ ମୁକ୍ତାକୁ
ଅନିଚ୍ଛାକୃତ ଭାବେ
ବିସ୍ମୃତିର ଅତଳ ଗର୍ଭରେ ।
ଫିଙ୍ଗିବାକୁ ପଡେ କିଛି ସ୍ନେହ ସହାନୁଭୂତିକୁ
ଅତି ପ୍ରିୟ ଅନାବଶ୍ୟକ ବସ୍ତୁ ପରି
ସଂସାର ମାୟାର ଖଟାମିଠା ସମ୍ମୋହନରେ
ଛନ୍ଦି ହୋଇଥିବା ଜୀବନସବୁ
କେହି କେବେ ସମୟକୁ କୈଫିୟତ ମାଗନ୍ତିନି
ସମୟ ବି ନୀରବ ରହେ
ମୌନ ବ୍ରତ କଲା ପରି।

ଦିନ ଯାଏ , ମାସ ଯାଇ , ବର୍ଷ
ବିତୁଥାଏ
ସମୟ ସ୍ରୋତରେ ଜୀବନ ନୌକା
ଭାସି ଚାଲିଥାଏ
ମନ ଖୋଜୁଥାଏ ହଜେଇ ଦେଇଥିବା ମନଟିକୁ
ସମ୍ପର୍କ ଥରେ ଗଢି , ହଜି ଗଲାପରେ
ସାଗର ବକ୍ଷରୁ
ନିଜର ଅବଶିଷ୍ଟ ଅସ୍ତିତ୍ୱକୁ
ଖୋଜିବା ଭଳି ଅସହାୟ ବୋଧରେ
ମନ ଅଣନିଶ୍ୱାସୀ ହେଉଥାଏ ।

ପୁଣି ଦିନେ କେଉଁ ଏକ ଗୋଧୂଳିରେ
କୋହକୁ କୁହୁରେ ରୂପାନ୍ତରିତ କରି
ସମୟ କୁଳକୁ ଫେରେଇ ଦିଏ
ହଜି ଯାଇଥିବା ବନ୍ଧୁତ୍ୱର ଢେଉ
ଭାଙ୍ଗିଯାଏ ଅୟୁତ ଯୁଗର ଅଭିମାନ
ଲାଗେ ଜୀବନ ସତେ ଯେମିତି
ଏକ ଅସରନ୍ତି ଫୁଲବଣ
ଆକାଶ ପଣତ ତଳେ ଚିରଦିନ
ହସୁଥାଏ ପୂନେଇଁର ଜହ୍ନ ।

*- ଟୋରଣ୍ଟୋ, କାନଡ଼ା*
*ମୋ: ୬୪୭ ୭୬୨ ୪୧୧୯*

# ସରକାର

**- ସାରଦା ପ୍ରସାଦ ଆଚାର୍ଯ୍ୟ**

**ସେ**ଇ ଘର ଅଛି
ସେଇ ଥାନା ଅଛି
ସେଇ ପାଠ,ସେଇ ମାଷ୍ଟ୍ରେ
ସେଇ ଗୀତ,ସେଇ ବାଜା
ଅଲଗା ଆଉ କ'ଣ କି ?
ବାତୁଳ ଝିଅ ବାପାକୁ ଡ଼ର
ମଦୁଆ ପୁଅର ଉଦଣ୍ଡ ନାଚ
ଦୁଇ ନାବାଳିକାଙ୍କ ଦେହ ରାମ୍ପୁଡା
ପଖାଳ ଭାତକୁ ପିମ୍ପୁଡ଼ି ଭଜା ।
ରାଇଜ ରାଜାର ନିଶକୁ ଡର
କାମ ଯେତିକି କଥା ଅଧିକ
ଅମଲା ସଂଘର ଦରମା ଲୋଡା
ଗରିବ ଲୋକଙ୍କ ବଡ଼ ଦୁର୍ଦ୍ଦଶା ।
ବିରୋଧୀ ଦଳର କଥାଟା ଟାଣ
ଶାସନ ଚାଖିଲେ ସବୁ ସେଇଆ
ମିଡ଼ିଆ ବାଲାଙ୍କ ପେଟଟା ଫାଙ୍କା
ଗାଡ଼ି ଚାଲିଲେ ସବୁ ଓଲଟା ।
ବାମପନ୍ଥୀଙ୍କ କଥା ଅଡୁଆ,
ଦକ୍ଷିଣପନ୍ଥୀଙ୍କ ସଂସ୍କାର ଲୋଡା
ଆଇନ ଆଖିରେ ନାଲି ଚଷମା
କଏଦୀ ସଂଖ୍ୟାରେ ବଡ଼ ଇଜାଫା ।
କହିବା କାହାକୁ ଶୁଣିବ କିଏ ?
ସେଇ ପାଠ ସେଇ ମାଷ୍ଟ୍ରେ
ସେଇ ଗୀତ ସେଇ ବାଜା ।

*-ଯୋଡ଼ା, କେନ୍ଦୁଝର, ମୋ:୮୬୩୭୨୧୩୮୨୫*

# ତଥାପି ଖୁସି


ସାରା

**ସୈ**ଫ ତନୟା ସାରା ଅଲ୍ଲୀ ଖାନ୍ ଇତିମଧ୍ୟରେ ବଲିଉଡ୍‌ରେ ୭ ବର୍ଷ ପୂରଣ କରିଛନ୍ତି। ଆଉ ଏହାଭିତରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି ? ମାତ୍ର ୧୨ଟି। ହେଲେ ଏହାକୁ ନେଇ ତାଙ୍କର ଟିକିଏ ହେଲେ ମନ ଦୁଃଖ ନାହିଁ। କାରଣ ନିଜ ଉପରେ ତାଙ୍କର ଶତ ପ୍ରତିଶତ ବିଶ୍ୱାସ ରହିଛି। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ଏବଂ ସେଗୁଡିକ ଦର୍ଶକାଦୃତ ନ ହେବା କ୍ୟାରିୟରକୁ ପ୍ରଭାବିତ କରିଥାଏ। ତେଣୁ ସେ ଧୀରେ ଧୀରେ ଆକ୍ଟିଂ ଲାଇନ୍‌କୁ ଆଗେଇ ନେବାକୁ ଚାହାନ୍ତି। ଏ ବିଷୟରେ ସାରା କହନ୍ତି, "ଏ ପର୍ଯ୍ୟନ୍ତ ମୁଁ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛି। ସେଗୁଡିକ ମଧ୍ୟରୁ କେତୋଟି ହିଟ୍ ହୋଇଛି। ପ୍ରତିଟି ସିନେମାରେ ମୁଁ ସବୁବେଳେ ମୋ ଭୁଲକୁ ତର୍ଜମା କରିଥାଏ। ତା'ସହ କୌଣସି ଅଫର ପାଇବା ପରେ ମୁଁ ପାପାଙ୍କ ସହ ଆଲୋଚନା କରେ।'' ସାରା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଲା– 'କେଦାରନାଥ' (ପ୍ରଥମ), 'ଶିମ୍ବା', 'ଲଭ୍ ଆଜ୍ କଲ୍', 'ଅତରଙ୍ଗୀରେ', 'ରକି ଔର ରାନୀ କି ପ୍ରେମ କାହାନୀ', ସ୍କାଏ ଫୋର୍ସ' ଏବଂ 'ମେଟ୍ରୋ.. ଇନ୍ ଦିନୋ'। ବର୍ତ୍ତମାନ ସେ ଅଭିନୟ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଚାଲୁ ରହିଛି।

## ଶେଷରେ ବୁଝିଲେ ରାଣୀ


ରାଣୀ

**ରା**ଣୀ ମୁଖାର୍ଜୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ରାଜା କି ଆୟେଗି ବାରାତ୍'। ଫିଲ୍ମଟି କିନ୍ତୁ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏହାପୂର୍ବରୁ ସେ ତାଙ୍କ ବାପା ରାମ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ବଙ୍ଗଳା ସିନେମା 'ବିୟେର ଫୁଲ୍' (ବାହାଘରର ଫୁଲ)ରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଏକ କଳାକାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ରାଣୀ ଆକ୍ଟିଂ ପ୍ରତି ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲେ। କିନ୍ତୁ ତାଙ୍କର ବାପା ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ କହିଥିଲେ। ବେଶ୍ କିଛି ଦିନ ଚିନ୍ତା କରିବା ପରେ ରାଣୀ ରାଜି ହୋଇଥିଲେ। ଏ ନେଇ ସେ କହନ୍ତି, "ପ୍ରଥମେ ମୋର ଅଭିନୟ ପ୍ରତି ଆଦୌ ଆଗ୍ରହ ନ ଥିଲା। କିନ୍ତୁ ବାପା ମୋତେ ଯେତେବେଳେ ଏ ନେଇ ଭଲ ଭାବରେ ବୁଝାଇଲେ ସେତେବେଳେ ମୁଁ ମୋ ମନ ପରିବର୍ତ୍ତନ କରି ଆକ୍ଟିଂ ଲାଇନ୍‌ରେ ପାଦ ଦେଇଥିଲି। ପ୍ରଥମ ହିନ୍ଦୀ ସିନେମା ଫ୍ଲପ୍ ହେବା ପରେ ମୁଁ ହତୋତ୍ସାହିତ ହୋଇପଡିଥିଲି। କିନ୍ତୁ ତା'ପରେ ଆଦିତ୍ୟ ଚୋପ୍ରାଙ୍କ 'କୁଛ୍ କୁଛ୍ ହୋତା ହୈ'ରେ ଅଭିନୟ କଲି। ଏହି ସିନେମା ମୋ ଭାଗ୍ୟ ବଦଳାଇ ଦେଇଥିଲା।''

# ନାମ ପଛର କଥା


ଅମୀଷା

**ଅ**ମୀଷା ପଟେଲଙ୍କୁ ପ୍ରଥମେ ରାକେଶ ରୋଶନଙ୍କ ଫିଲ୍ମ 'କହୋନା ପ୍ୟାର ହୈ'ରେ ବ୍ରେକ୍ ମିଳିଥିଲା। ହ୍ରିତିକଙ୍କ ଅପୋଜଟ୍‌ରେ ସେ ନାୟିକା ସାଜିଥିଲେ। ଫିଲ୍ମଟି ସୁପରହିଟ୍ ହେଲା। ପରବର୍ତ୍ତୀ ସମୟରେ ସେ 'ଗଦ୍ଦର : ଏକ ପ୍ରେମ କଥା'ରେ ଅଭିନୟ କଲେ, ଆଉ ତାହା ବି ସୁପରହିଟ୍ ହେଲା। ଆଉ ଜଣେ ଲୋକପ୍ରିୟ ଅଭିନେତ୍ରୀ ପାଲଟିଗଲେ। ତେବେ ଜାଣନ୍ତି କି ଅମୀଷାଙ୍କ ନାମକରଣ ପଛରେ ଅଛି ଏକ ରୋଚକ କଥା। ସେ ସମ୍ପର୍କରେ ସୂଚନା ଦେଇ ଅମୀଷା କୁହନ୍ତି, 'ମୋ ବାପାଙ୍କ ନାମ ଅମିତରୁ 'ଅମି' ଆସିଛି ଏବଂ ମା'ଙ୍କ ନାମ ଆଶାରୁ 'ଶା' ଆସିଛି। ମୋ ନାମ ପଛରେ ଥିବା ଏହି ରହସ୍ୟ ବିଷୟରେ ଯେତେବେଳେ ମୋ ବାବା ମୋତେ କହିଥିଲେ, ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି। ତେବେ ଆଜି ମୁଁ ଯେଉଁଠି ବି ପହଞ୍ଚି ପାରିଛି ସେସବୁ ସେମାନଙ୍କର ବ୍ଲେସିଙ୍ଗ ପାଇଁ।'' ଅଭିନୟ ପୂର୍ବରୁ ସେ ଏକଦା ଅର୍ଥନୀତିଭିତ୍ତିକ ଚର୍ଚ୍ଚାରେ ଭାଗ ନେଉଥିଲେ। ତା'ସହ ଲକ୍ସ ଏବଂ ବଜାଜ ପରି ନାମୀ କମ୍ପାନୀର ବିଜ୍ଞାପନ ପାଇଁ ମଧ୍ୟ କାମ କରିଥିଲେ। ସବୁଠାରୁ ଖାସ୍ କଥା ହେଲା ସେ ସତ୍ୟଦେବ ଦୁବେଙ୍କ ଥିଏଟର ସଂସ୍ଥାରେ କାମ କରିଥିଲେ। ଏପରିକି ଏକଦା ସେ ଏକ ଉର୍ଦ୍ଦୁ ଥିଏଟର ନାଟକରେ ଅଭିନୟ ମଧ୍ୟ କରିଥିଲେ।

# ଭାଗ୍ୟରେଖା


ସାପଲିନ୍–ସୁମନ

**ଓ**ଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେଉଛି ମେଗା ଧାରାବାହିକ 'ଭାଗ୍ୟରେଖା'। ଏହା ଇତିମଧ୍ୟରେ ୪୦୦ ଅଧ୍ୟାୟରେ ପହଞ୍ଚିଛି। ଉକ୍ତ ଧାରାବାହିକ ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ପ୍ରସାରିତ ହେଉଛି। ଆଗକୁ ଏହି ଧାରାବାହିକର କାହାଣୀରେ ଆସିବାକୁ ଯାଉଛି ଏମିତି କିଛି ନୂଆ ମୋଡ ଯାହା ଦର୍ଶକଙ୍କୁ କାହାଣୀ ସହିତ ବାନ୍ଧି ରଖିବ । କାହାଣୀ ଗତିଶୀଳ ଓ ଅପ୍ରତ୍ୟାଶିତ ହୋଇଚାଲିଛି । ରେଖା ଓ ଭାଗ୍ୟଙ୍କ ମନରେ ପରସ୍ପର ପ୍ରତି ଥିବା ପ୍ରେମ ଆଗକୁ ବଢିଛି। ହେଲେ ସମୟ ସୁଅରେ ଭାଗ୍ୟର ଏକ ବଡ଼ ଦୁର୍ଘଟଣା ହୋଇଛି ଓ ଭାଗ୍ୟର ପ୍ଲାଷ୍ଟିକ ସର୍ଜରୀ ହୋଇଛି । ଏସବୁ ଜାଣିବା ପରେ ରେଖା ଭାଗ୍ୟକୁ ଘରକୁ ଆଣିଛି। ଆଦର୍ଶ ଏହି ସବୁ ସୁଯୋଗର ଫାଇଦା ଉଠାଇ ଏକ ମିଛ କାହାଣୀ ଗଢିଛି ଓ ସମସ୍ତଙ୍କ ଆଗରେ କହିଛି ରେଖା ଭାଗ୍ୟକୁ ମାରି ନିଜ ପ୍ରେମିକକୁ ଘରକୁ ଆଣିଛି। ତେବେ ଏହି ସମସ୍ୟା ଭିତରେ ରେଖା କେମିତି ପ୍ରମାଣ କରିବ ବଦଳିଥିବା ଚେହେରା ହିଁ ହେଉଛି ପ୍ରକୃତ ଭାଗ୍ୟ ? ଭାଗ୍ୟକୁ କ'ଣ ପରିବାର ଲୋକେ ଆପଣାଇବେ ? ଏହି ସବୁ ପ୍ରଶ୍ନର ଉତ୍ତର ଏହି ଧାରାବାହିକରେ ରହିଛି । ଏହାର ମୁଖ୍ୟ ଭୂମିକାରେ ସାପଲିନ୍ ଏବଂ ସୁମନ ଅଭିନୟ କରିଛନ୍ତି। ଜୀ–ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କୁହନ୍ତି, "ଦର୍ଶକ ଆମ ପ୍ରତି ଯେଉଁ ଭଲ ପାଇବା ଜାରି ରଖିଛନ୍ତି ତାହା ଆମପାଇଁ ସବୁଠାରୁ ବଡ ଉପଲବ୍ଧି।''

# ଟେନ୍‌ସନରେ ଅନୁଷ୍କା

**ଅ**ନୁଷ୍କା ଶର୍ମା ଏବେ ଟିକେ ଟେନ୍‌ସନରେ ଅଛନ୍ତି। କାରଣ କ'ଣ ଜାଣନ୍ତି ? ସେ ଅଭିନୟ କରିଥିବା ବାୟୋପିକ୍ 'ଚକଦା ଏକ୍ସପ୍ରେସ' କେବେ ରିଲିଜ ହେବ ତାହା ଫାଇନାଲ ହୋଇପାରୁନି। ଏହି ଫିଲ୍ମଟିକୁ ତାଙ୍କର ଭାଇ କର୍ନେଶ ଶର୍ମା ପ୍ରଯୋଜନା କରିଛନ୍ତି। କ୍ଲିନ୍ ଷ୍ଟେଟ୍ ଫିଲ୍ମଜ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ଟାଇଟଲ ୨୦୨୨ରେ ଘୋଷଣା କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଶୁଟିଂ ଶେଷ ହୋଇଥିଲା। କିନ୍ତୁ କେତେକ କାରଣରୁ ଏହା କେବେ ପରଦା ଉପରକୁ ଆସିବ ତାହା ଫାଇନାଲ ହୋଇପାରୁନି। ଶୁଣିବାକୁ ମିଳୁଛି ଯେ ଫିଲ୍ମଟିର ପ୍ରଯୋଜନା ପାଇଁ କର୍ନେଶ ନେଟଫ୍ଲିକ୍ସ ସହ ହାତ ମିଳାଇଥିଲେ। କିନ୍ତୁ ଏବେ ନେଟଫ୍ଲିକ୍ସ ଏହି ଫିଲ୍ମରୁ ଓହରି ଯାଇଛି। ତେଣୁ ଏହାର ରିଲିଜ ଡେରି ହେଉଛି ବୋଲି ଆଲୋଚନା ହେଉଛି। ଆଉ ଏସବୁ ବିଷୟକୁ ନେଇ ଟେନ୍‌ସନରେ ଅଛନ୍ତି ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅନୁଷ୍କା। ବିଶିଷ୍ଟ ମହିଳା କ୍ରିକେଟ ଖେଳାଳୀ ଝୁଲନ୍ ଗୋସ୍ୱାମୀଙ୍କ ଜୀବନୀ ଉପରେ ଏହି ଫିଲ୍ମଟି ନିର୍ମାଣ କରାଯାଇଛି। ଏହାର କାହାଣୀ ଅଭିଷେକ ବାନାର୍ଜୀ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରୋସିତ ରୟ। ଅନୁଷ୍କାଙ୍କ ବ୍ୟତୀତ ଏଥିରେ ଅଂଶୁଲ ଚୌହାନ, ଅତୁଲ ଶର୍ମା, ଦିବେନ୍ଦୁ ଭଟ୍ଟାଚାର୍ଯ୍ୟ, ରେଣୁକା ସାହାନେ ପ୍ରମୁଖ ଅଭିନୟ କରିଛନ୍ତି। ପ୍ରତୀକ ଶାହା ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି।


ଅନୁଷ୍କା


'ମିଡ୍‌ନାଇଟ୍' ଫିଲ୍ମରେ (ବାମରୁ) ବୀରେନ–ମନୁ

# ଭିନ୍ନ ଅବତାରରେ ମନୁ

**ସ**ତରେ ୟାକୁ ହିଁ କହନ୍ତି ସୁବର୍ଣ୍ଣ ସୁଯୋଗ। ଗୋଟିଏ ସିନେମାର ପ୍ରଯୋଜନାକ କରିବା, ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଇବା ପୁଣି ତା'ସହ ସେଥିରେ ଡବଲ ରୋଲ୍‌ରେ ଅଭିନୟ କରିବା। ଆଉ ଏସବୁକୁ ନେଇ ଆଣି ଥୋଇବା ସହଜ କଥା ନୁହେଁ। ହେଲେ ଏସବୁକୁ ବେଶ୍ ସୁଚାରୁ ଭାବରେ ତୁଲାଇଛନ୍ତି ମନୁ ଦ୍ୱିବେଦୀ। ରିଲିଜ ଅପେକ୍ଷାରେ ଥିବା ସସ୍‌ପେନ୍ସ ଥ୍ରୀଲର 'ମିଡ୍ ନାଇଟ୍'ର ସେ ଏକାଧାରରେ ପ୍ରଯୋଜକ ସାଜିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଅନୁପ ଦ୍ୱିବେଦୀଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ.ରଜନୀ ରଞ୍ଜନ। ଡ. ନିର୍ମଳ ନାୟକ ଓ ସରୋଜ ବଳଙ୍କ ରଚିତ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ଆଲିଆ, ପ୍ରିୟା, ପ୍ରିୟଙ୍କା, ସସ୍ମିତା ଓ ସୁଧାଂଶୁବାଳା ପ୍ରମୁଖ ଅଭିନୟ କରିଛନ୍ତି। ବର୍ତ୍ତମାନ ଚନ୍ଦ୍ର ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହାର ଏଡିଟିଂ କାମ ଚାଲୁ ରହିଛି।

# ବବିଙ୍କ ସନ୍‌ଗ୍ଲାସ ନିଶା

**ବ**ବି ଦେଓଲ ଅଭିନୟକୁ ସିନା କ୍ୟାରିୟର ଭାବରେ ଗ୍ରହଣ କରି ନେଇଛନ୍ତି, ହେଲେ ତାଙ୍କର ଏକ ଅଜବ ନିଶା ରହିଛି। ତାହା କ'ଣ ଜାଣନ୍ତି ? ଯେତେବେଳେ ସେ କୌଣସି ନୂଆ ବ୍ରାଣ୍ଡର ସନ୍‌ଗ୍ଲାସ ଦେଖନ୍ତି ତାହାକୁ କିଣିବାକୁ ପଛାଇ ନ ଥାନ୍ତି। ମୋଟ ଉପରେ କହିବାକୁ ଗଲେ ଏଭଳି ଚଷମା କଲେକସନ କରିବାକୁ ସେ ଯେମିତି ପାଗଳ। ଭିନ୍ନ ଭିନ୍ନ ଭେରାଇଟିର ସନ୍‌ଗ୍ଲାସ କିଣିବା ତାଙ୍କର ସତେ ଯେମିତି ଏକ ନିଶା ପାଲଟି ଯାଇଛି। ଏ ନେଇ ବବି କହନ୍ତି, "ଆକ୍ଟିଂ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ଏହା ମୋର ଏକ ଅଭ୍ୟାସରେ ପରିଣତ ହୋଇ ଯାଇଥିଲା। ଆଉ ଏବେ ମଧ୍ୟ ତାହା ଜାରି ରହିଛି। ମୋ ପାଖରେ କେତେ ସନ୍‌ଗ୍ଲାସ ଅଛି ତାହାର ହିସାବ ନାହିଁ।'' ବବିଙ୍କୁ ବଡ ପରଦାରେ ପ୍ରଥମେ ଜଣେ ଶିଶୁ କଳାକାର ଭାବରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମଟିର ଟାଇଟଲ ଥିଲା 'ଧରମବୀର'। ତାହା ପୁଣି ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଥିବା ତାଙ୍କର ପାପା ଧର୍ମେନ୍ଦ୍ରଙ୍କ ପିଲାଦିନ ଚରିତ୍ରରେ ସେ ଆକ୍ଟିଂ କରିଥିଲେ। ମନମୋହନ ଦେଶାଇଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଜିତେନ୍ଦ୍ର, ଜିନତ ଅମନ୍, ନିତୁ ସିଂ, ପ୍ରାନ୍ ପ୍ରମୁଖ ଅଭିନୟ କରିଥିଲେ। ଆଉ ଏକ କଥା ଜାଣନ୍ତି ? ବବି ହେଉଛନ୍ତି ଜଣେ ତାଲିମପ୍ରାପ୍ତ ପାଇଲଟ୍। ତାଙ୍କର ପ୍ରାଇଭେଟ ପାଇଲଟ୍ ଲାଇସେନ୍ସ (ପିପିଏଲ) ମଧ୍ୟ ରହିଛି। ଅଭିନୟ ପୂର୍ବରୁ ସେ କିଛି ଦିନ ଏକ ନାଇଟକ୍ଲବ୍‌ରେ ଡିଜେ ଭାବରେ କାମ କରିଥିଲେ। 'ବରସାତ୍' ଫିଲ୍ମରେ ସେ ନାୟକ ଭାବରେ ଏଣ୍ଟ୍ରି କରିଥିଲେ। କିନ୍ତୁ ଏହାର ପ୍ରିମିୟର ପୂର୍ବରୁ ଏକ ସିନେମାରେ ଷ୍ଟଣ୍ଟ ଶଟ୍ ଦେଉଥିବା ବେଳେ ସେ ଗୁରୁତର ଆହତ ହୋଇଥିଲେ। ଏଥିରେ ତାଙ୍କର ଗୋଡ ଭାଙ୍ଗି ଯାଇଥିଲା। ଆଉ ସର୍ଜରୀ ସମୟରେ ମେଟାଲ ରଡ୍ ବ୍ୟବହାର କରାଯାଇଥିଲା।


ବବି

# ପହିଲି ଦେଖାରେ ହୃଦୟ ଚୋରି, ସେଇଠୁ ଆରମ୍ଭ ଲଭ୍ ଷ୍ଟୋରି

**ସାଥୀ**

**ପ୍ରଶ୍ନ**–ଥରେ ଜଣେ ଝିଅ ସହ ମୋର ବସ୍ ଷ୍ଟାଣ୍ଡରେ ଦେଖାହେଲା। ତା'ପରେ କିଛି ସମୟ କଥାବାର୍ତ୍ତା। ହେଲେ ତା' ଭିତରେ ସେ ମୋ ମନକୁ କିଣି ନେଇଥିଲା। ମୁଁ ଏବେ ତା' ପ୍ରେମରେ ପଡିଯାଇଛି। ହେଲେ ସେ ମୋତେ ପ୍ରେମ କରୁଛି ତ ?

*–ବିକାଶ କୁମାର ସାହୁ, ନବରଙ୍ଗପୁର*

**ଉତ୍ତର:** ସେହି ସୁନ୍ଦରୀ ସହ ଯେତିକି ସମୟ କଥା ହେଲେ ସେଥିରୁ ଆପଣ ନିଶ୍ଚୟ କିଛି ଅନୁମାନ କରିଥିଲେ। କାରଣ କଥାରେ ଅଛି– ସମଝଦାର୍ ଆଦମୀକୋ ଇସାରା କାଫି ହେ। ହେଲେ ଆପଣ ଏଯାଏଁ ଦୋଛିକରେ ଅଛନ୍ତି। ତେଣେ କହୁଛନ୍ତି ଯେ ମୁଁ ତା' ପ୍ରେମରେ ପଡିଯାଇଛି। 'ପହିଲି ଦେଖାରେ ହୃଦୟ ଚୋରି, ସେଇଠୁ ଆରମ୍ଭ ଲଭ୍ ଷ୍ଟୋରି'। ଯଦି ସେ ଝିଅର ଠିକଣା କିମ୍ବା ଯୋଗାଯୋଗ ନମ୍ବର ଅଛି ତେବେ ଚେଷ୍ଟା କରନ୍ତୁ। ହୁଏତ ଆପଣଙ୍କ ପ୍ରେମ ମିଶନ ଏକାଥରେ ସକସେସ୍ ହୋଇଯାଇପାରେ। ନ ହେଲେ ଏମିତି ମନକୁ ମନ ପ୍ରେମ କଲେ ତାହାର ପ୍ରକୃତରେ କିଛି ଅର୍ଥ ନ ଥାଏ।



**ପ୍ରଶ୍ନ**–ଜଣେ ଝିଅକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଥିଲି। ଆମ ପ୍ରେମର ଗାଡ଼ି ୨/୩ ବର୍ଷ ଭଲରେ ଗଡିଲା। ଏବେ ତାହାର ଆଚାର ବ୍ୟବହାର କେମିତି କେମିତି ଲାଗୁଛି। କ'ଣ କରିବି ?

*–ଆଶୁତୋଷ ବାରିକ, ଅନୁଗୋଳ*

**ଉତ୍ତର:** ଆପଣଙ୍କ ପ୍ରେମରେ ଷଣ୍ଢ ପଶି ଯାଇନି ତ ! ନ ହେଲେ ଯେଉଁ ପ୍ରେମକୁ ନେଇ ଆପଣ ଖୁସିରେ ଉଛୁଳି ଉଠୁଥିଲେ, ଏବେ ସେହି ପ୍ରେମକୁ ନେଇ ମନରେ ଅସୁମାରୀ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରେମରେ ସବୁବେଳେ ମଧୁର ବାସ୍ନା ନ ଥାଏ। ବେଳେବେଳେ ପରିସ୍ଥିତି ଏହାର ସ୍ୱାଦକୁ ବଦଳାଇ ଦିଏ। ତେଣୁ ଆପଣଙ୍କ ପ୍ରେମିକାଙ୍କ ମନକୁ ଭଲ ଭାବରେ ପରଖନ୍ତୁ। ଯଦି ସବୁ ଠିକ୍ ଠାକ୍ ଅଛି ତେବେ ଭଲ। ଯଦି କିଛି ଏପଟ ସେପଟ ଅଛି ତେବେ ବିଚାର ଆପଣଙ୍କ ହାତରେ। ନ ହେଲେ ଏଭଳି ପ୍ରେମକୁ ନେଇ ଆଗକୁ ଆଗେଇବା ଯାହା ମରିଚିକା ପଛରେ ଗୋଡେଇବା ସେଇଆ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଶୀଘ୍ର ଫେରି ଆସିବ। ହେଲେ ୟା ଭିତରେ କିଛି ମାସ ଗଡି ଗଲାଣି। ଫୋନ୍ କଲେ କାଟି ଦେଉଛି। କ'ଣ କରିବି ?

*–ଅନୁପ କୁମାର, କେନ୍ଦ୍ରାପଡା*

**ଉତ୍ତର:** ହୁଏତ ସେ କୌଣସି ଅସୁବିଧାରେ ପଡିଥିବେ। ଯଦି ଏହି ଫୋନ୍ କାଟିବା ଲାଗି ରହେ, ତେବେ ଧରି ନିଅନ୍ତୁ ଯେ ଆପଣଙ୍କ ପ୍ରେମରେ ନେଟୱାର୍କ ପ୍ରୋବ୍ଲେମ ଅଛି। ତେଣୁ ଆପଣଙ୍କ ପ୍ରେମିକାକୁ ଥରେ ଭେଟନ୍ତୁ। ଯଦି ତାହା ମଧ୍ୟ ସମ୍ଭବ ହେଉନାହିଁ, ତେବେ ଅପେକ୍ଷା କଲେ ଲାଭ ମିଳିବ କି ନାହିଁ ତାହା ପ୍ରଥମେ ଥଣ୍ଡା ମନରେ ଚିନ୍ତା କରନ୍ତୁ, ଏଭଳି ପ୍ରେମକୁ ଗୁଡ୍ ବାୟ କହିବେ ନା, ପ୍ରେମିକାର ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବେ। ଏବେ ସବୁ କିଛି ଆପଣଙ୍କ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ? *–ଅନିକେତ ଦାସ, ବ୍ରହ୍ମପୁର*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ୍, ଓନଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମିକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ ?

*–ସୁଜିତ, ରାଉରକେଲା*

**ଉତ୍ତର:** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।

# ବୋଉକୁ ଦେଇଥିଲି ପ୍ରଥମ ପାରିଶ୍ରମିକ

**ପ୍ରଥମ ରୋଜଗାର**



ଲେଖିକା **ବେବୀଲତା ଶତପଥୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ପାଞ୍ଚ** ଭାଇରେ ଗୋଟିଏ ବୋଲି ଝିଅ ହୋଇଥିବାରୁ ଦରକାର ଅପେକ୍ଷା ମୁଁ ଟିକେ ଅଧିକ ଗେହ୍ଲା ହୋଇଥିଲି। ମୁଁ ବଡ଼ ହେଲା ବେଳକୁ ମୋ ଭାଇମାନେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ରୋଜଗାରକ୍ଷମ ହୋଇ ସାରିଥିଲେ। ସ୍କୁଲକୁ ୨ୟ ଶ୍ରେଣୀରୁ ସାଇକେଲ ନେଇ ଯିବା, ଟିପା ଛତା ନେବା, ଭଳିକି ଭଳି ଜାମା ପିନ୍ଧିବା ଇତ୍ୟାଦିରେ ମୁଁ ଥିଲି ଆମ ବିଦ୍ୟାଳୟର ପ୍ରଥମ ଝିଅ। ତା'ସାଙ୍ଗକୁ ଭଲ ପାଠ ବି ପଢୁଥିଲି। ତେଣୁ ବିଦ୍ୟାଳୟରେ ମୁଁ ପ୍ରାୟ ସବୁ ସାର୍ ଓ ଦିଦିଙ୍କର ପ୍ରିୟ ପାତ୍ରୀ ଥିଲି। ଭଲ ବକ୍ତୃତା ଦେଉଥିବାରୁ ହେଡ୍‌ସାର୍ ମତେ କୃତୀ ପ୍ରତିଯୋଗୀ ହିସାବରେ ଅନ୍ୟ ସ୍କୁଲମାନଙ୍କୁ ପଠାଉଥିଲେ। ସେଠାରେ ବି ଆମ ବିଦ୍ୟାଳୟର ନାମ ରଖି ବହୁ ପୁରସ୍କାର ଆଣୁଥିଲି। ୧୯୯୨ ମସିହାରେ ବିବେକାନନ୍ଦ ଜୟନ୍ତୀ ଅବସରରେ ବ୍ଲକ ସ୍ତରରେ ହେଉଥିବା ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ସେଥିରେ କୃତକାର୍ଯ୍ୟ ହେବାରୁ ପ୍ରମାଣପତ୍ର, ୨ଖଣ୍ଡ ବହି ସହିତ ୨୦୦ ଟଙ୍କା ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ପାଇଥିଲି। ସେଦିନର ଖୁସି ଅବର୍ଣ୍ଣନୀୟ, ସେ ପଇସା ମୁଁ ମୋ ବୋଉକୁ ନେଇ ଦେଇଥିଲି। କାରଣ ମୁଁ ପ୍ରାୟ ଦେଖେ, ଭାଇମାନେ ଯେତେବେଳେ ଘରକୁ ଆସନ୍ତି ବୋଉ ପାଇଁ ଶାଢି, ଚୁଡ଼ି ଆଉ ଛୋଟ ଛୋଟ ଗହଣା ଆଣନ୍ତି। ମୋର ବି ଇଛା ଥିଲା, ମୁଁ ବି କିଛି ବୋଉକୁ ଗିଫ୍ଟ ଦିଅନ୍ତି, ତା'ବଦଳରେ ସେ ହସି ଦିଅନ୍ତା ଆଉ କୁହନ୍ତା, 'ଏଇଟା ମୋ ଝିଅ ଦେଇଛି, ପୁଣି ଏତିକି ଛୋଟବେଳୁ।' ସମୟକ୍ରମେ ମୁଁ କଲେଜରେ ପାଦ ଦେଲି। ଆମ ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ସାରଥୀ ଶତପଥୀଙ୍କୁ ଦୁଇ ପରିବାର ବର୍ଗଙ୍କ ଯୋଗାଯୋଗକ୍ରମେ ବିବାହ କଲି ୧୯୯୭ ମସିହାରେ। ମୋର ମନେ ଅଛି ବୋଉ କହିଥିଲା ମୋ ବାହାଘର ସମୟରେ, 'ମା' ଲୋ, ପବିତ୍ର ରାମ ନବମୀରେ ତୋର ଜନ୍ମ। ଏ ଦିନଟିର ମର୍ଯ୍ୟାଦା ରଖିବୁ ଆମର ମାନ ରଖିବୁ'। ସେ କଥା ମୋର ମନେଥାଏ। ଇତି ମଧ୍ୟରେ ମୋ ସ୍ୱାମୀ କଲେଜ ଛାଡି ବ୍ୟାଙ୍କରେ ଯୋଗ ଦେଇଥିଲେ, ମୋର ଝିଅଟିଏ ମଧ୍ୟ ହୋଇ ସାରିଥିଲା। ତା'ସତ୍ତ୍ୱେ ବି ମୋର ପାଠ ପଢା ନିୟମିତ ଭାବରେ ସେମିତି ଚାଲିଥିଲା। ସେତେବେଳେ ସ୍ୱାମୀଙ୍କର ଏତେ ଦରମା ନ ଥିଲା। ସେଇ ସ୍ୱଳ୍ପ ଦରମାରେ ବି ସେ ମୋତେ ଯୁକ୍ତ ତିନି, ଏମ୍.ଏ., ପିଜିଡିସିଏ, ଏମ୍‌ବିଏ କରେଇ ଥିଲେ। ତାଙ୍କ ପ୍ରେରଣାରେ ମୁଁ ଗୋଟେ କୋଚିଂ ସେଣ୍ଟର କରିଥିଲି ୨୦୦୨ ମସିହାରେ। ସେଠି ମୁଁ ୮ମ,୯ମ,୧୦ମ ପିଲାଙ୍କୁ ସାହିତ୍ୟ, ଇତିହାସ, ହିନ୍ଦୀ ଓ ସଂସ୍କୃତ ପଢାଉଥିଲି। ସେତେବେଳକୁ ମୁଁ ହିନ୍ଦୀରେ କୋବିଦ ପାସ୍ କରି ସାରିଥିଲି। ଅନ୍ୟ ସାର୍‌ମାନେ ବି ଆସୁଥିଲେ ଅଲଗା ବିଷୟ ପଢାଇବା ପାଇଁ। ପ୍ରଥମ ମାସର କୋଚିଂ ସେଣ୍ଟର ପଇସାରୁ ଘରଭଡା, ସାର୍‌ମାନଙ୍କ ଦରମା, ଇଲେକ୍ଟ୍ରି ବିଲ୍ ଦେଇ ସାରିଲା ପରେ ମୋ ପାଖରେ ବଳିଥିଲା ଆଉ ମାତ୍ର ୧୦୦୦ ଟଙ୍କା। ସେଇ ପଇସାରେ କ'ଣ କରିବି କିଛି ଭାବି ପାରୁ ନ ଥିଲି। ପ୍ରଥମେ ଭାବିଲି ସ୍ୱାମୀଙ୍କ ପାଇଁ କିଛି ଗୋଟେ ଗିଫ୍ଟ କିଣିବି। କିନ୍ତୁ ସେ ତା'ପୂର୍ବରୁ କହିଲେ କି, 'ତୁ ଏତେ ସୁନ୍ଦର ଭାବରେ କୋଚିଂ ସେଣ୍ଟର ପରିଚାଳନା କରୁଛୁ, ସେଇଟା ହିଁ ମୋର ବଡ଼ ଉପହାର।' ତା'ପରେ ବହୁ ଚିନ୍ତା କରି ମୋ ନନାଙ୍କ ପାଇଁ ଭାଗବତ ବହିର ସେଟ୍, ଶ୍ୱଶୁରଙ୍କ ପାଇଁ ନୃସିଂହ ପୁରାଣ ସେଟ୍ ଓ ଗୋଟେ ପିତଳ ଷ୍ଟାଣ୍ଡବାଲା ବଡ଼ ଦୀପ, ମୋ ଝିଅ ପାଇଁ ଗୋଟେ ଚକୋଲେଟ୍ କିଣିଥିଲି। ମତେ ତ ଯାହା ଖୁସି ଲାଗିଲା, ଲାଗିଲା ସେମାନେ ଏତେ ଖୁସି ହେଲେ ଯେ ; ଯାହାକୁ ଭାଷାରେ ପ୍ରକାଶ କରିବା ଅସମ୍ଭବ। ଏମିତି ମାସ ପରେ ମାସ ହୋଇ କୋଚିଂ ସେଣ୍ଟର୍ ବେଶ୍ ଭଲରେ ଚାଲିଥିଲା। କିନ୍ତୁ ବର୍ଷକ ପରେ ଏକ ଦୁଃଖଦ ଘଟଣା ଘଟିଲା। ମୋ ମଝିଆଁ ଯା'ଙ୍କର ଆକସ୍ମିକ ଦେହାନ୍ତ ହେଲା। ଆମେ କୋଚିଂ ସେଣ୍ଟର ତାଲା ପକାଇ ପିଲାଙ୍କ ଦେଖାଶୁଣା କରିବାକୁ ଦେଢଶୁରଙ୍କ ଘରକୁ ଚାଲିଗଲୁ। ମୁଁ କେତେ ସମ୍ମାନ ଆଉ ପଇସା ରୋଜଗାର କରିଥାନ୍ତି ସେ ତ ଅଲଗା କଥା, ହେଲେ ମୋ ପିଲାମାନଙ୍କ ଅନାବିଳ ଭଲ ପାଇବା ଏବଂ ଦେଢଶୁରଙ୍କ ସ୍ନେହାଶିଷ ଯେ ତା'ଠାରୁ ଯଥେଷ୍ଟ ଅଧିକ ଏଥିରେ ଦ୍ୱିମତ ହେବାର ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାହିତ୍ୟ ମତେ ନୂଆ ପରିଚୟ ଦେଇଛି। ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ମୋ ଲିଖିତ ଶିଶୁ କବିତା ଓ ଗପ ଆଦି ନିୟମିତ ଭାବରେ ପ୍ରକାଶିତ ହେଉଛି।





# ଟ୍ରେଣ୍ଡି ରାଖୀ

**ରାଖୀ ପୂର୍ଣ୍ଣିମା। ପ୍ରତିଟି ଭାଇଭଉଣୀଙ୍କ ପାଇଁ ଏହା ହେଉଛି ଏକ ବିଶେଷ ଦିନ। ପରସ୍ପର ଭିତରେ ଯେତେ ମାନଅଭିମାନ, ରାଗରୁଷା, ବାଦବିବାଦ ଥାଉ ନା କାହିଁକି ସବୁକୁ ପଛରେ ପକାଇ ଭାଇ ହାତରେ ରାଖୀ ବାନ୍ଧିବାକୁ ଭଉଣୀ ମନରେ ଯେଉଁ ଉତ୍କଣ୍ଠା ଭରି ରହିଥାଏ ; ତାହାକୁ ଲକ୍ଷ୍ୟ କରି ଏବେ କେତେ ନୂଆ ନୂଆ ଡିଜାଇନ୍‌ର ରାଖୀ ମିଳିଲାଣି। ତନ୍ମଧ୍ୟରୁ କେତୋଟି ଟ୍ରେଣ୍ଡି ରାଖୀ ସମ୍ପର୍କରେ...**








✲ **ଫଟୋ ଥିବା ରାଖୀ:** ଏବେ ମାର୍କେଟ୍‌ରେ ଏକ ନୂଆ ଧରଣର ରାଖୀ ମିଳୁଛି ; ଯେଉଁଥିରେ କେବଳ ଭାଇ ହେଉ ଅବା ଭଉଣୀ କିମ୍ବା ଉଭୟ ଭାଇଭଉଣୀଙ୍କର ଫଟୋ ଲାଗିପାରିବ। ଏହି ଫଟୋ ଥିମ୍ ବାଲା ରାଖୀ ଦେଖିବାକୁ ଯେମିତି ସୁନ୍ଦର ଲାଗେ ଏହାକୁ ଭାଇ ହାତରେ ବାନ୍ଧିଲେ ବି ସେମିତି ଆକର୍ଷଣୀୟ ଲୁକ୍ ମିଳିଥାଏ। ତା'ଛଡ଼ା ଏହି ଷ୍ଟାଇଲ୍‌ର ରାଖୀକୁ ନିଜ ପାଖେ ସ୍ମୃତି କରି ସାଇତି ରଖିବାକୁ ମଧ୍ୟ ଇଚ୍ଛା ହୋଇଥାଏ।

✲ **ନାଁ ଲେଖାଥିବା ରାଖୀ:** ଏହି ପବିତ୍ର ଦିବସ ଅବସରରେ ଆପଣ ଚାହିଁଲେ ଭାଇ ହାତରେ ତାଙ୍କର ନାଁ ଲେଖା ଥିବା ରାଖୀ ବି ବାନ୍ଧି ପାରିବେ। ଏଥିପାଇଁ ମାର୍କେଟ୍‌ରେ ଏବେ ବହୁତ ପ୍ରକାର ସୁବିଧା ଉପଲବ୍ଧ ହେଲାଣି। ନିଜ ନାଁ ଲେଖା ଥିବା ରାଖୀ ଦେଖିଲେ ଭାଇମାନେ ନିଶ୍ଚୟ ଖୁସି ହେବେ ଏଥିରେ ସନ୍ଦେହ ନାହିଁ।

✲ **ଭାଇ ଲେଖାଥିବା ରାଖୀ:** ଭାଇ ଲେଖା ହୋଇଥିବା ରାଖୀ ବି ଦେଖିବାକୁ ବେଶ୍ ଟ୍ରେଣ୍ଡି ଲାଗିଥାଏ। ରାଖୀ ଅବସରରେ ଭାଇମାନଙ୍କ ହାତରେ ବାନ୍ଧିବା ପାଇଁ ଏହି ଷ୍ଟାଇଲ୍‌ର ରାଖୀ ଏକ ବେଷ୍ଟ ଅପ୍ସନ ହୋଇପାରେ।

✲ **ବଡ଼ା ଭାଇ, ଛୋଟା ଭାଇ ରାଖୀ:** ଏହି ରାଖୀ ବି ଭାଇମାନଙ୍କ ହାତରେ ବାନ୍ଧିବା ପାଇଁ ଆଉ ଏକ ଭଲ ବିକଳ୍ପ ହୋଇପାରେ। କୁହାଯାଏ, ରାଖୀ ଅବସରରେ ଯଦି ଏହି ଷ୍ଟାଇଲ୍‌ର ରାଖୀ ଭାଇମାନଙ୍କ ହାତରେ ପିନ୍ଧାଯାଏ ତା'ହେଲେ ସେମାନଙ୍କୁ ସ୍ପେଶାଲ୍ ଫିଲ୍ ହେବା ସହ ଆନନ୍ଦ ଦେଇଥାଏ।

✲ **ବ୍ରୋ ଲେଖାଥିବା ରାଖୀ:** ଭାଇ ବା ବ୍ରଦର୍‌କୁ ଏବେ ଷ୍ଟାଇଲ୍‌ରେ ଅନେକେ ବ୍ରୋ କହୁଥିବା ଶୁଣିବାକୁ ମିଳୁଛି। କେବଳ ଶୁଣାଯାଉନି ରାଖୀ ପୂର୍ଣ୍ଣିମା ପାଇଁ ବି ଏବେ ମାର୍କେଟ୍‌ରେ ଇଂରାଜୀ ଅକ୍ଷରରେ ବ୍ରୋ ଲେଖା ହୋଇଥିବା ଏକ ସ୍ୱତନ୍ତ୍ର ଧରଣର ରାଖୀ ବି ମିଳୁଛି ; ଯାହା ଦେଖିବାକୁ ଖୁବ୍ ଟ୍ରେଣ୍ଡି ଲାଗୁଛି।

✲ **ରୁଦ୍ରାକ୍ଷ ରାଖୀ:** ରୁଦ୍ରାକ୍ଷ ଖୁବ୍ ପବିତ୍ର। ଏହାକୁ ଦେହରେ ଧାରଣ କଲେ ପ୍ରଭୁ କୃପା ମିଳେ ବୋଲି ବିଶ୍ୱାସ କରାଯାଏ। ତେଣୁ ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ଭଉଣୀଟିଏ ଚାହିଁଲେ ଭାଇ ହାତରେ ରୁଦ୍ରାକ୍ଷ ଲାଗିଥିବା ଏକ ରାଖୀ ବାନ୍ଧି ତାଙ୍କର ଶୁଭକାମନା କରିପାରିବେ।

✲ **ଇକୋଫ୍ରେଣ୍ଡଲି ରାଖୀ:** ସୋଲ, ରଙ୍ଗବେରଙ୍ଗର ଜରି, ଷ୍ଟୋନ ହେଉ ଅବା ମାଳିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ରାଖୀଗୁଡ଼ିକ ଆଖିକୁ ସିନା ସୁନ୍ଦର ଦେଖାଯାଏ ହେଲେ ଏହା ପରିବେଶ ଅନୁକୂଳ ହୋଇ ନଥାଏ। ତେଣୁ ଏହାକୁ ଲକ୍ଷ୍ୟ କରି ଏବେ କିଛି ଇକୋଫ୍ରେଣ୍ଡଲି ରାଖୀ ବି ମିଳିଲାଣି ; ଯେଉଁଥିରେ ବିଭିନ୍ନ ପ୍ରକାରର ଧାନ, ଚାଉଳ, ମଞ୍ଜି, ତୁଳା, କାଠି, କାଗଜ, ନଡ଼ା ଆଦି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି।

✲ **ଲୁମ୍ବା ରାଖୀ:** ରାଖୀ ପୂର୍ଣ୍ଣିମାରେ ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧିବା ସ୍ୱାଭାବିକ କଥା। କିନ୍ତୁ ଏବେ ଦେଖିବାକୁ ମିଳୁଛି ଯଦି ଭାଇଟି ବାହା ହୋଇଛି, ତା'ହେଲେ ଭାଉଜ ହାତରେ ବି ଖୁସିରେ ରାଖୀ ବନ୍ଧାଯାଉଛି। ଭାଉଜମାନଙ୍କ ହାତରେ ବାନ୍ଧିବା ପାଇଁ ଏବେ ମାର୍କେଟ୍‌ରେ ଏକ ସ୍ୱତନ୍ତ୍ର ଡିଜାଇନ୍‌ର ରାଖୀ ମିଳୁଥିବା ଦେଖିବାକୁ ମିଳୁଛି ; ଯାହାକୁ ଲୁମ୍ବା ରାଖୀ ଅଥବା ଭାବି ରାଖୀ ବୋଲି ଅନେକେ କହୁଛନ୍ତି।



## ହାଃ ହାଃ

### ଭାଇଚାରା

ଶିକ୍ଷକ: ପିଲାମାନେ ଭାଇଚାରାକୁ
ଲଗାଇ ଏକ ବାକ୍ୟ ଗଠନ କର।
ଚିଣ୍ଟୁ: ସାର୍ ମୁଁ କହିବି।
ଶିକ୍ଷକ: ହଉ କହ।
ଚିଣ୍ଟୁ: ମୁଁ କ୍ଷୀର ବାଲାକୁ ପଚାରିଲି– ଭାଇ କ୍ଷୀରର
ଦାମ ଏତେ ବଢେଇ ଦେଲ କାହିଁକି ?
ସେ ମତେ କହିଲା ଭାଇ ଚାରା
ମହଙ୍ଗା ହେଇଗଲା ପରା।

### ସମ୍ପର୍କ

ବାହାଘର ଭୋଜିରେ ମହିଳା ଜଣେ ଯୁବତୀଙ୍କୁ:
ତୁମର ଏଇ ଯୁବକଙ୍କ ସହ କ'ଣ ସମ୍ପର୍କ ?
ଯୁବତୀ: ବହୁତ ଦୂରର ସମ୍ପର୍କ।
ମହିଳା: ତଥାପି ସେ ତୁମର କ'ଣ ହେବେ ?
ଯୁବତୀ: ସେ ମୋ ନିଜ ଭାଇ।
ମହିଳା: ତା'ହେଲେ ତମେ ଦୂର ସମ୍ପର୍କ ବୋଲି
କାହିଁକି କହିଲ ?
ଯୁବତୀ: କାହିଁକି ନା ତା'ର ଆଉ ମୋ ଭିତରେ
ଆହୁରି ସାତ ଭାଇ ଭଉଣୀ ଅଛନ୍ତି।

### ଖରାପ

ଗୋପୀ ରାଜେଶକୁ: ଜାଣିଛ ନା ମୋ
ପଡୋଶୀ ଭାରି ଖରାପ।
ରାଜେଶ: କାଇଁ କ'ଣ କଲେ କି ସେ ?
ଗୋପୀ: କାଲି ରାତି ୩ଟାରେ ଆସି ଆମ
କବାଟ ବାଡ଼ଉଛନ୍ତି। ମୁଁ ଚେଇଁଥିଲି ବୋଲି
ସିନା କବାଟ ଖୋଲିଲି। ହେଲେ ଭାରି ରାଗ
ଲାଗୁଥିଲା।
ରାଜେଶ: ଓଃ। ହେଲେ ତମେ ଏତେ
ରାତିଯାଏ କ'ଣ କରୁଥିଲ ?
ଗୋପୀ: ମୁଁ ତବଲା ପ୍ରାକ୍ଟିସ୍ କରୁଥିଲି।

### କେଶ

ମିନିର ସୁନ୍ଦର କେଶ ଦେଖି ମାଧୁରୀ
ମାଉସୀ : ଆରେ ବାଃ ତୋ କେଶ ତ ବହୁତ
ସୁନ୍ଦର ! ଏଇଟା ତୁମକୁ କାହାଠୁ ମିଳିଛି ?
ମାମାଙ୍କଠୁ ନା ପାପାଙ୍କଠୁ ?
ମିନି: ମତେ ଲାଗୁଛି ପାପାଙ୍କଠୁ ମିଳିଛି।
କାହିଁକି ନା ମାମାଙ୍କର ସବୁ କେଶ ଅଛି।
ପାପାଙ୍କର କିଛି ନାହିଁ।



ଐତିହାସିକ ଦୁର୍ଗ

# ଡମପଡ଼ା ଗଡ଼

–ସୁଷମା ପରିଜା

ଇତିହାସ କହେ ଡମପଡ଼ା ଗଡ଼ର ଅସ୍ତିତ୍ୱ ଅଷ୍ଟମ ନବମ ଶତାବ୍ଦୀରୁ ରହିଛି। ପ୍ରସିଦ୍ଧ ଐତିହାସିକ ତଥା ଗବେଷକ ସାରଙ୍ଗଧର ରାୟଗୁରୁଙ୍କ 'ଚର୍ଚ୍ଚିକା ତନ୍ତ୍ର କଳ୍ପ' ଅନୁସାରେ ଡମପଡ଼ା ଜଙ୍ଗଲରେ 'ଡୋମ୍ବିପାଦ' ନାମକ ଜଣେ ବୌଦ୍ଧ ସାଧକଙ୍କର ଆସ୍ଥାନ ଥିଲା ଏବଂ ସେ ଖର୍ପରଚଣ୍ଡୀଙ୍କୁ ଆରାଧନା କରୁଥିଲେ। ତେଣୁ ସେହି 'ଡୋମ୍ବିପାଦ' ନାମରୁ ଡମପଡ଼ା ହୋଇଛି। ଜନଶ୍ରୁତି ଅନୁସାରେ, ଜଣେ ଡମରାଜା ଏହି ଦୁର୍ଗମ କ୍ଷେତ୍ରକୁ ଅଧିକାର କରି ରାଜୁତି କରୁଥିବାରୁ ଏହାର ନାମ ଡମପଡ଼ା।

ପ୍ରଖ୍ୟାତ ଐତିହାସିକ ଡ. ସାରଙ୍ଗଧର ରାୟଗୁରୁଙ୍କ ବାଙ୍କୀ ଇତିହାସରୁ ଜଣାଯାଏ, ୧୬୫୫ ମସିହାରେ ନରସିଂହ ସାମନ୍ତରାୟ ଡମପଡ଼ା ଗଡ଼ ରାଜସିଂହାସନ ଆରୋହଣ କରିଥିଲେ। ସେ ସମୟରେ ଡମପଡ଼ାର ସୀମା ପୂର୍ବରେ ବାଆଁରାଠାରୁ ପଶ୍ଚିମରେ ରଣନଦୀ, ଦକ୍ଷିଣରେ ତାଳବସ୍ତଠାରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ପରବର୍ତ୍ତୀ ସମୟରେ ଏହା ଉତ୍ତରରେ ହରିରାଜପୁର ଓ ଚକାପଦାସ୍ଥ ଶ୍ରୀଅଖଣ୍ଡେଶ୍ୱର ମନ୍ଦିର ଏବଂ ଦକ୍ଷିଣରେ ସାମନ୍ତରାପୁରସ୍ଥିତ ଖର୍ପରଚଣ୍ଡୀ ମନ୍ଦିର ଯାଏ ବିସ୍ତାରିତ ହୋଇଥିଲା। ସେହି ସମସ୍ତ ଅଞ୍ଚଳ ଘନ ବନଭୂମି ଥିଲା। ନରସିଂହ ସାମନ୍ତରାୟ ସିଂହାସନରେ ବସିବା ପରେ ନିଜ ପାଇଁ ନିକଟସ୍ଥ ଜଗନ୍ନାଥ ମୁଣ୍ଡିଆ(ଛୋଟ ପାହାଡ଼) ଉପରେ ଉଆସ ତିଆରି କରି ରହିଲେ, ଗାଦିର ସୁରକ୍ଷା ନିମନ୍ତେ ପାହାଡ଼ର ପାଦଦେଶରେ ଜନବସତି ସ୍ଥାପନ କରାଇଲେ। ଏହାର ଦକ୍ଷିଣ ପଶ୍ଚିମ ଦିଗରେ ପାଇକ ବସତି, ପଶ୍ଚିମରେ ବ୍ରାହ୍ମଣ ବସତି, ପୂର୍ବ ଏବଂ ଦକ୍ଷିଣ ଦିଗରେ କ୍ଷତ୍ରୀୟ ବସତି ସ୍ଥାପନ ହେଲା। ପାଟ ସେପଟକୁ ରହିଲେ ଅସବର୍ଣ୍ଣମାନେ। କ୍ରମେ କ୍ରମେ ଛତିଶ ପାଟକର ମଣିଷ ଆସି ବସବାସ କଲେ ଏଠାରେ। ଏହାର ନାମକରଣ ହୋଇଥିଲା 'ଡମପଡ଼ା ନିଜିଗଡ଼'। ଡମପଡ଼ା ଗଡ଼ଜାତ ରାଜ୍ୟର ଇଷ୍ଟ ଦେବତା ହେଉଛନ୍ତି ଶ୍ରୀମହିମାମଣି ଏବଂ ଶ୍ରୀ ଗିରିଧାରୀ ଜିଉ। ଗଡ଼ ରକ୍ଷିକା ହେଉଛନ୍ତି ମା' ଅରାଚଣ୍ଡୀ।

ଏହି ଗଡ଼ଜାତର ରାଜାମାନେ ଖୁବ୍ ପ୍ରଜାବତ୍ସଳ ଥିଲେ। ପ୍ରଜାମାନଙ୍କର ହିତ ପାଇଁ କୂପଖନନ କରି, ରାସ୍ତାଘାଟ ନିର୍ମାଣ କରି, ଦେବାଳୟ ନିର୍ମାଣ କରି, ବିଦ୍ୟାଳୟ ପ୍ରତିଷ୍ଠା କରି ପାହାଡ଼ ତଳେ ତଇଲା କରି ଚାଷବାସ କରିବା ପାଇଁ ଅନୁମତି ଦେଇ ସେମାନେ ପ୍ରଜାମାନଙ୍କ ଶ୍ରଦ୍ଧା, ସମ୍ମାନର ଭାଜନ ହୋଇଥିଲେ। ଓଡ଼ିଶାର ତତ୍କାଳୀନ ଗଜପତିମାନଙ୍କ ବିପଦ ଆପଦ ସମୟରେ ସେମାନେ ନିଜର ବୀର ପାଇକସେନା ସହ ହାଜର ହୋଇ ଗଜପତିଙ୍କୁ ବିପଦମୁକ୍ତ କରିଥିଲେ ଏବଂ ଗଜପତିଙ୍କ ଅନୁଗ୍ରହ ପ୍ରାପ୍ତ ହୋଇ ମାନସିଂହ, ଭ୍ରମରବର ରାୟ ଇତ୍ୟାଦି ସମ୍ମାନୀୟ ଉପାଧିରେ ଭୂଷିତ ହୋଇଥିଲେ।

ଐତିହାସିକ ତଥ୍ୟ ରହିଛି ଯେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଏବଂ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ୧୮୧୭ ମସିହାରେ ହୋଇଥିବା ପାଇକ ବିଦ୍ରୋହରେ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କ ସହ ଡମପଡ଼ା ରାଜା ପୁରୁଷୋତ୍ତମ ମାନସିଂହ ଭ୍ରମରବର ରାୟ ମଧ୍ୟ ଯୋଗ ଦେଇଥିଲେ। କଟକର ତତ୍କାଳୀନ କଲେକ୍ଟର ଜନ୍ ବିମସ୍ ୧୮୬୭ ମସିହାରେ ନୀଳଗିରିର ପୂର୍ବତନ ଦେବାନ ଫକୀରମୋହନ ସେନାପତିଙ୍କୁ ଡମପଡ଼ା ଗଡ଼ର ଦେବାନ୍ ଭାବରେ ନିଯୁକ୍ତ କରିଥିଲେ।


ଫକୀରମୋହନ ସେନାପତିଙ୍କ ଡମପଡ଼ା ଗଡ଼ର ରହଣି କାଳ ଥିଲା ଘଟଣାବହୁଳ। ସେ ଡମପଡ଼ା ଗଡ଼ରେ ଜରିବ ବନ୍ଦୋବସ୍ତ, ରାଜସ୍ୱ ବୃଦ୍ଧି କରି ରାଜକୋଷ ଭରଣା, ଡମପଡ଼ା ଗଡ଼ରେ ଶିକ୍ଷା ଏବଂ ସଂସ୍କାରର ଉନ୍ନତି ଇତ୍ୟାଦି ଅନେକ ଜନହିତକର କାର୍ଯ୍ୟ କରିଥିଲେ। ଜନଶ୍ରୁତି ରହିଛି ଯେ, ଡମପଡ଼ା ଗଡ଼ରେ ରହିବା ସମୟରେ ଫକୀରମୋହନ ତାଙ୍କ ଜୀବନର ଶ୍ରେଷ୍ଠ ସାହିତ୍ୟ କୃତି 'ଛ'ମାଣ ଆଠଗୁଣ୍ଠ', 'ଲଛମା', 'ରାଣ୍ଡିପୁଅ ଅନନ୍ତା' ଏହି ସ୍ଥାନର ଘଟିଥିବା କିଛି ଘଟଣାକୁ ନେଇ ଲେଖିଥିଲେ। 'ଛ'ମାଣ ଆଠଗୁଣ୍ଠ' ଜମିଟି ଏ ଯାବତ୍ ଏହି ସ୍ଥାନରେ ଅଛି ଏବଂ ' ଅନନ୍ତା' ଚରିତ୍ରଟି ପାଥପୁରର ଜଣେ ଗଉଡପିଲାକୁ ନେଇ ଲିଖିତ ବୋଲି କୁହାଯାଏ।

ଅନେକ ଦେବମନ୍ଦିର ଗଠନ, ଜଳାଭାବ ନିମନ୍ତେ କୂପ ଖନନ, ନାରୀ ଶିକ୍ଷାର ପ୍ରୋତ୍ସାହନ ପାଇଁ ଡମପଡ଼ା ରାଣୀ ଇନ୍ଦୁମତୀଙ୍କ ନାମ ଡମପଡ଼ା ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲା। ୧୯୪୮ ମସିହାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଦ୍ୟମ ଫଳରେ ସମସ୍ତ ଗଡ଼ଜାତକୁ ଏକତ୍ରିତ କରି ଅଖଣ୍ଡ ଭାରତ ଗଠନର ସଂକଳ୍ପ ହେଲା। ସେ ସମୟରେ ଡମପଡ଼ାର ରାଜା ଅମରେନ୍ଦ୍ର ମାନସିଂହ ମଧ୍ୟ ସେହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଡମପଡ଼ା ଗଡ଼ ରାଜାବାଟୀକୁ ପ୍ରୀତମ କୁମାରୀ ବିଦ୍ୟାପୀଠ ନାମରେ ଏକ ଉଚ୍ଚ ବିଦ୍ୟାଳୟରେ ପରିଣତ କରି ରାଜ୍ୟବାସୀଙ୍କୁ ଉତ୍ସର୍ଗ କରିଦେଲେ। ଏହି ବିଦ୍ୟାଳୟଟି ଏ ପର୍ଯ୍ୟନ୍ତ ମଧ୍ୟ ରହିଛି। ରାଜା ନିଜେ ସପରିବାର ଜାତମୁଣ୍ଡିଆ ନିକଟସ୍ଥ କାଳିକାପ୍ରସାଦ କୋଠିରେ ରହିଲେ। କାଳିକାପ୍ରସାଦ କୋଠିରେ ଥିବା ସମୟରେ ଶାରୀରିକ ଅସୁସ୍ଥତା ଏବଂ ଅର୍ଥାଭାବରୁ ଡମପଡ଼ା ଗଡ଼ର ଶେଷ ରାଜା ଅମରେନ୍ଦ୍ର ମାନସିଂହ ଭ୍ରମରବର ରାୟ ୧୯୯୫ ଫେବୃୟାରୀ ୨୯ ତାରିଖରେ କଲିକତାଠାରେ ନିଜ ଝିଅ, ନୀଳଗିରିର ରାଣୀ ଇନ୍ଦିରା ପ୍ରିୟଦର୍ଶିନୀଙ୍କ ପାଖରେ ଦେହତ୍ୟାଗ କରିଥିଲେ। ବର୍ତ୍ତମାନ ତାଙ୍କ ନାତି ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ(ନୀଳଗିରି ଯୁବରାଜ) ଡମପଡ଼ା ଇଷ୍ଟେଟ୍‌ର ମାର୍ଫତଦାର ଅଛନ୍ତି।


*–ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ –୪*
*ମୋ: ୯୩୩୭୨୭୨୬୪୭*



# ବଡ଼କୋଟ







ବଡ଼କୋଟ ହେଉଛି ଉତ୍ତରାଖଣ୍ଡର ଏମିତି ଏକ ସହର ; ଯେଉଁଠାରେ ପର୍ଯ୍ୟଟକ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହ ଅନେକ ଦୁଃସାହସିକ କ୍ରୀଡ଼ା ଯେମିତିକି ଟ୍ରେକିଂ, ରକ୍ କ୍ଲାଇମ୍ବିଂ, ପାରାଗ୍ଲାଇଡିଂ ଆଦିର ମଜା ନେଇପାରିବେ। ତା'ସହିତ ଗଛଲତାରେ ପୂର୍ଣ୍ଣ ବହୁ ଉଚ୍ଚ ଉଚ୍ଚ ପାହାଡ଼ ମଧ୍ୟରେ ଅନେକ ଜଙ୍ଗଲୀ ପକ୍ଷୀଙ୍କୁ ଦେଖିବାର ସୁଯୋଗ ବି ପାଇପାରିବେ। କେବଳ ସେତିକି ନୁହେଁ ଉତ୍ତରାଖଣ୍ଡର ଅନ୍ୟତମ ପବିତ୍ରସ୍ଥାନ କୁହାଯାଉଥିବା ଯମୁନୋତ୍ରୀ ଧାମକୁ ଯିବା ପାଇଁ ବି ପର୍ଯ୍ୟଟକଙ୍କୁ ଏହି ସ୍ଥାନରୁ ଅନେକ ସୁବିଧା ଉପଲବ୍ଧ ହୋଇଥାଏ। ବଡ଼କୋଟରୁ ପ୍ରାୟ ୪୬ କି.ମି ବ୍ୟବଧାନରେ ରହିଛି ଯମୁନୋତ୍ରୀ ଧାମ।

### ଆଉ କ'ଣ ଦେଖିବେ

ବଡ଼କୋଟ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀ। ଯେମିତିକି...

* **ଯମୁନୋତ୍ରୀ ମନ୍ଦିର:** ପର୍ଯ୍ୟଟକ ବଡ଼କୋଟରୁ ଯମୁନୋତ୍ରୀ ଧାମ ଯାଇ ସେଠାରେ ଥିବା ପବିତ୍ର ଯମୁନୋତ୍ରୀ ମନ୍ଦିରର ଦର୍ଶନ ଲଭିପାରିବେ। ଯମୁନୋତ୍ରୀ ଧାମକୁ ଅନେକେ ଭାରତର ଛୋଟା ଚାର୍ ଧାମ ମଧ୍ୟରୁ ଗୋଟିଏ ବୋଲି କହିଥାନ୍ତି।
* **ସୂର୍ଯ୍ୟ କୁଣ୍ଡ:** ଏହା ମଧ୍ୟ ବଡ଼କୋଟ ନିକଟସ୍ଥ ଅନ୍ୟତମ ପର୍ଯ୍ୟଟନସ୍ଥଳୀ। ପ୍ରକୃତପକ୍ଷେ ଏହା ଏକ ଗରମ ପାଣିର ଆଶ୍ଚର୍ଯ୍ୟଜନକ କୁଣ୍ଡ ; ଯାହାର ଆଧ୍ୟାତ୍ମିକ ମାହାତ୍ମ୍ୟ ବି ଖୁବ୍ ରହିଥିବା ବିଶ୍ୱାସ କରାଯାଏ।
* **ହନୁମାନ ଚଟ୍ଟି:** ଏହା ବି ହେଉଛି ଏକ ପବିତ୍ର ସ୍ଥଳୀ। ବଡ଼କୋଟରୁ ଯମୁନୋତ୍ରୀ ଯିବା ରାସ୍ତାରେ ହିଁ ଏହା ପଡିଥାଏ। ଏହି ସ୍ଥାନରୁ ମାତ୍ର ୧୩ କି.ମି ଗଲେ ଯମୁନୋତ୍ରୀ ପଡେ। କହିବାକୁ ଗଲେ ଯମୁନୋତ୍ରୀ ଯାଉଥିବା ଯାତ୍ରୀଙ୍କ ପାଇଁ ଏହା ଏକ ହଲ୍ଟିଂ ପଏଣ୍ଟ। ଏଠାରେ ପ୍ରଭୂ ହନୁମାନଙ୍କୁ ସମର୍ପିତ ଏକ ମନ୍ଦିର ଥିବାର ପର୍ଯ୍ୟଟକ ଦେଖିପାରିବେ।
* **ଜାନକି ଚଟ୍ଟି:** ବିଭିନ୍ନ ପ୍ରକାରର ଦୁଃସାହସିକ ଗତିବିଧି ପାଇଁ ଏହି ସ୍ଥାନଟି ଲୋକପ୍ରିୟ।  ଏହା ବି ବଡ଼କୋଟରୁ ଯମୁନୋତ୍ରୀ ଯିବା ରାସ୍ତାରେ ହିଁ ପଡିଥାଏ। ପର୍ଯ୍ୟଟକ ମୁଖ୍ୟତଃ ଏହି ସ୍ଥାନରେ ହଟ୍ ସ୍ପ୍ରିଙ୍ଗ୍‌ର ମଜା ନେବାକୁ ଅଟକିଥାନ୍ତି।
* **ଚମ୍ବା:** ବଡ଼କୋଟ ନିକଟସ୍ଥ ଚମ୍ବା ହେଉଛି ଏମିତି ଏକ ସ୍ଥାନ ; ଯେଉଁଠାରେ ପର୍ଯ୍ୟଟକ ଉଚ୍ଚ ଉଚ୍ଚ ପାହାଡ ଏବଂ ତା' ତଳକୁ ନଦୀ ପ୍ରବାହିତ ହେଉଥିବାର ଅପୂର୍ବ ଦୃଶ୍ୟକୁ ମନଭରି ଉପଭୋଗ କରିପାରବେ। କୋଳାହଳରୁ ଦୂର ଏହି ସ୍ଥାନରେ କିଛି କ୍ଷଣ ବସିପଡିଲେ ମନକୁ ବେଶ୍ ଶାନ୍ତି ଅନୁଭବ ହୋଇଥାଏ।
* **ଦିବ୍ୟ ଶିଳା:** ବଡ଼କୋଟରୁ ଯମୁନୋତ୍ରୀ ବୁଲି ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଦିବ୍ୟ ଶିଳାର ଦର୍ଶନ କରିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି ଯେ, ଯମୁନୋତ୍ରୀ ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ପ୍ରଥମେ ଦିବ୍ୟ ଶିଳାଙ୍କୁ ଦର୍ଶନ ଓ ପୂଜା କରିବା ବିଧେୟ। ପ୍ରକୃତପକ୍ଷେ ଏହା ହେଉଛି ଏକ ପଥରର ସ୍ତମ୍ଭ ; ଯାହାକୁ ଖୁବ୍ ପବିତ୍ର ବୋଲି କୁହାଯାଇଥାଏ।

**ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସହର ହେଉଛି ବଡ଼କୋଟ। ଯମୁନା ନଦୀର ତଟଦେଶରେ ଅବସ୍ଥିତ ଏହି ସହରର ପ୍ରାକୃତିକ ପରିବେଶ ତଥା ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀଗୁଡ଼ିକ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ...**

### କେବେ ଯିବେ

ବର୍ଷର ସବୁ ସମୟରେ ବଡ଼କୋଟକୁ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏପ୍ରିଲ୍‌ରୁ ଜୁନ୍ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ଆଉ ଯେଉଁମାନଙ୍କର ଶୀତରେ ବୁଲିବା ପସନ୍ଦ, ସେମାନେ ଚାହିଁଲେ ଅକ୍ଟୋବରରୁ ଫେବୃୟାରୀ ଭିତରେ ଏଠାକୁ ଯାଇପାରିବେ। ହେଲେ ଗଲାବେଳେ ସାଙ୍ଗରେ ଶୀତବସ୍ତ୍ର ନିହାତି ନେଇକି ଯିବେ। ଅନ୍ୟପକ୍ଷେ ବର୍ଷାଦିନେ ବି ଏଠାକୁ ଅନେକ ପର୍ଯ୍ୟଟକ ବୁଲି ଯାଇଥାନ୍ତି। କାରଣ ବର୍ଷାଦିନେ ଉତ୍ତରାଖଣ୍ଡର ପ୍ରାକୃତିକ ଦୃଶ୍ୟ ଦେଖିବାଯୋଗ୍ୟ ହୋଇଥାଏ। କିନ୍ତୁ ବର୍ଷାଦିନେ ଟିକେ ଦେଖିଚାହିଁ ଯିବାକୁ ହୁଏ, ନଚେତ୍ ପାହାଡରେ ଗୋଡ଼ ଖସି ଯିବାର ସମ୍ଭାବନା ଥାଏ।

### କେମିତି ଯିବେ

ଜୋଲିଗ୍ରାଣ୍ଟ ଏୟାରପୋର୍ଟ ହେଉଛି ବଡ଼କୋଟକୁ ଯିବା ପାଇଁ ନିକଟତମ ବିମାନବନ୍ଦର। ସେଠାରୁ ସ୍ଥାନୀୟ ସାଧନ ଯୋଗେ ଜଣେ ଆରାମରେ ଯାଇ ବଡ଼କୋଟରେ ପହଁଞ୍ଚିପାରିବେ। ସେହିପରି ରିଷିକେଶ ରେଲୱେଷ୍ଟେଶନ ହେଉଛି ବଡ଼କୋଟର ନିକଟତମ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟ୍ୟାକ୍ସି ହେଉକି ବସ୍ ଯୋଗେ ଜଣେ ଆରାମରେ ଆସି ଏଠାରେ ପହଁଞ୍ଚିପାରିବେ।



# ନିଆରା ପତ୍ରବନ୍ଧୁ

ଦିନ ଥିଲା ଦୂରବନ୍ଧୁଙ୍କୁ ଚିଠିରେ ଭାବର ଆଦାନ ପ୍ରଦାନ କରାଯାଉଥିଲା । ହୃଦୟର ସବୁକଥା କାଗଜ ଉପରେ କଲମ ମୁନରେ ଉପସ୍ଥାପନ କରାଯାଉଥିଲା । ସେତେବେଳେ ପତ୍ରବନ୍ଧୁ ବି ଥିଲେ ଅନେକ । ବହୁ ଦୂରରେ ରହି ସେମାନେ କେବଳ ପତ୍ର ମାଧ୍ୟମରେ ନିଜ ସମ୍ପର୍କକୁ ବଜାୟ ରଖୁଥିଲେ । ସେମିତି ଦୁଇଜଣ ପତ୍ର ବନ୍ଧୁ ହେଉଛନ୍ତି କାନାଡାର ରୁଥ ମାଗି ଓ ୟୁକେର ବେରିଲ ରିଚମଣ୍ଡ ।



୪,୮୨୮ କି.ମି. ଦୂରରେ ରହୁଥିବା ଏହି ଦୁଇବନ୍ଧୁଙ୍କର ବନ୍ଧୁତା ଦୀର୍ଘ ୮୫ ବର୍ଷର । ସେପୁଣି ପତ୍ର ମାଧ୍ୟମରେ । ଏତେ ବର୍ଷ ଧରି ସେମାନେ ପତ୍ର ମାଧ୍ୟମରେ ନିଜର ସମ୍ପର୍କ ବଜାୟ ରଖିଛନ୍ତି । ତେବେ ଏହି ଧାରା ଆରମ୍ଭ ହୋଇଥିଲା ୧୯୩୯ ମସିହାରେ । ରୁଥ୍‌ଙ୍କୁ ଯେବେ ମାତ୍ର ୧୦-୧୧ ବର୍ଷ ବୟସ, ତାଙ୍କ ଶିକ୍ଷକ ସ୍କୁଲରେ ଆରମ୍ଭ କରିଥିବା ପେନ୍ ପଲ୍ ପ୍ରୋଗ୍ରାମ୍‌ରୁ ଏହାର ଆରମ୍ଭ ହୋଇଥିଲା । ଆଉ ଦୁହେଁ ଦୁହିଁଙ୍କୁ ବର୍ଷର ପ୍ରାୟ ଅଧିକାଂଶ ସମୟ ପତ୍ର ଲେଖୁଥିଲେ । ୨୦୨୩ ମସିହାରେ ସେମାନେ ୮୩ ବର୍ଷ ୧୭୨ ଦିନର ପତ୍ରବନ୍ଧୁ ଭାବେ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଲେ । କାହିଁକି ନା ଏତେ ବର୍ଷଧରି ପତ୍ରବନ୍ଧୁ ହୋଇ ରହିବା ଖୁବ୍ ବିରଳ । ଏବେ ସେମାନଙ୍କୁ ବୟସ ପ୍ରାୟ ୯୭ ବର୍ଷ । ଆଖିକୁ ଭଲ ଭାବେ ଦେଖାଯାଉ ନାହିଁ । ହାତ ଥରୁଛି । ଆଗଭଳି ଅଧିକ ଚିଠି ଲେଖି ପାରୁ ନାହାନ୍ତି, କି ପଠାଇ ପାରୁ ନାହନ୍ତି । ତଥାପି ଦୁହେଁ ବହୁ ଚେଷ୍ଟା କରି ଜନ୍ମଦିନ ଓ ଖ୍ରୀଷ୍ଟମାସରେ ଯେମିତି ବି ହେଉ ପତ୍ର ଆଦାନ ପ୍ରଦାନ କରନ୍ତି । ଏହି ଦୁଇବନ୍ଧୁ ଜୀବନରେ ଦୁଇଥର ଭେଟ ହୋଇଛନ୍ତି । ପ୍ରଥମ ଥର ୧୯୮୬ ମସିହାରେ ଓ ଦ୍ୱିତୀୟ ଥର ୨୦୦୯ ମସିହାରେ । ପତ୍ର ଆଦାନପ୍ରଦାନ ବାଦ୍ ଏହି ଦୁଇବନ୍ଧୁ ଫୋନ୍‌ରେ ବି ବହୁତ ସମୟ କଥା ହୋଇ ସମୟ ଅତିବାହିତ କରିଥାନ୍ତି । ଏହି ଦୁହିଁଙ୍କ ଭିତରର ଏହି ବନ୍ଧୁତା ସତରେ ଭାରି ବିରଳ । ପାଖରେ ନ ଥାଇ ବି ସେମାନେ ପତ୍ର ମାଧ୍ୟମରେ ବନ୍ଧୁ ହୋଇ ରହିଛନ୍ତି । ନିଜର ସୁଖଦୁଃଖ ପତ୍ର ମାଧ୍ୟମରେ ବାଣ୍ଟିଛନ୍ତି । ଆଉ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।





# ବନ୍ଧୁତା ଦିବସ କିଛି କଥା



**ସମ୍ପର୍କ ରକ୍ତର ନ ହୋଇ ବି ଯେ ହୃଦୟର ବହୁତ ନିକଟତର ସେ ହେଉଛି 'ବନ୍ଧୁ' । ଜୀବନକୁ ହସଖୁସିରେ ଭରେ, ଅଭୁଲା ଅନୁଭବ ଦିଏ ବନ୍ଧୁ। ସେଇଥିପାଇଁ ତ ଏହି ଖାସ୍ ସମ୍ପର୍କକୁ ପାଳନ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ପାଳନ କରାଯାଏ ବନ୍ଧୁତା ଦିବସ। ତେବେ ଜାଣନ୍ତି କି ଏହା ପଛର କଥା ? ଜାଣନ୍ତୁ ସେ ସମ୍ପର୍କରେ...**

**ଲୋକକଥା କହେ:** ଲୋକକଥାନୁସାରେ ୧୯୩୫ ମସିହା ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା । ଏହି ହତ୍ୟା ପଛରେ ଆମେରିକା ସରକାରଙ୍କ ହାତ ଥିଲା ବୋଲି କୁହାଯାଏ । ଏହି ଖବର ଯେବେ ସେହି ବ୍ୟକ୍ତିଙ୍କ ବନ୍ଧୁ ଜାଣିଲେ ସେ ଖୁବ୍ ହତାଶ ହୋଇଗଲେ । ଆଉ ଏତେ ଭାଙ୍ଗିପଡ଼ିଲେ ଯେ, ଆତ୍ମହତ୍ୟା କରିନେଲେ । ଏହି ଦୁଇଜଣଙ୍କ ଭିତରର ଭଲ ପାଇବା ଓ ବନ୍ଧୁତା ଦେଖି ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେଣୁ କୁହାଯାଏ ଆମେରିକାରେ ପ୍ରଥମେ 'ବନ୍ଧୁତା ଦିବସ' ପାଳନ ହୋଇଥିଲା । ପରେ ଏହାର ପ୍ରଚଳନ ବଢ଼ିଲା ଓ ବିଭିନ୍ନ ଦେଶରେ ବନ୍ଧୁତା ଦିବସ ପାଳନ ହେଲା ।

**ଇତିହାସ କହେ:** ୧୯୧୬ ମସିହାରେ ଆମେରିକାର ବ୍ୟବସାୟୀ ଜୟସ୍ ହଲ୍, ନିଜର କାର୍ଡ ପ୍ରିଣ୍ଟ କରିବା ଆରମ୍ଭ କରିଥିଲେ । ୧୯୨୮ରେ ସେ 'ହଲମାର୍କ' ବ୍ରାଣ୍ଡରେ ଏହାର ମାର୍କେଟିଂ ଆରମ୍ଭ କରିଥିଲେ । ଆଉ ନିଜର ବ୍ୟବସାୟ ବୃଦ୍ଧି ପାଇଁ ୧୯୩୦ ମସିହାରେ ସେ 'ବନ୍ଧୁତା ଦିବସ'ର କନସେପ୍ଟ ଆରମ୍ଭ କରିଥିଲେ । ଯେଉଁଥିରେ ଲୋକେ ନିଜର ବନ୍ଧୁଙ୍କ ସହ ସମୟ ବିତାଇବା ସହ କାର୍ଡ ଦେଇ ନିଜ ମନର ଭାବକୁ ପ୍ରକାଶ କରିବେ । ଏହି ଦିବସ ପାଳନ ପାଇଁ ସେ ଅଗଷ୍ଟ ୨ ତାରିଖକୁ ବାଛିଥିଲେ । ଏହା ବେଶ୍ କିଛି ବର୍ଷ ଚାଲିଲା । ହେଲେ ପରେ ଲୋକେ ବୁଝିପାରିଲେ ଯେ, ଏହା ଏକ କମର୍ସିଆଲ ସ୍କିମ୍ । ତେଣୁ ଏହି ବନ୍ଧୁତା ଦିବସ ପାଳନ କ୍ରମେ ୧୯୪୦ ମସିହା ବେଳକୁ ବନ୍ଦ ହୋଇଗଲା । ପରେ ୧୯୫୮ ମସିହା ଜୁଲାଇ ୨୦ ତାରିଖରେ ଡା. ରାମନ ଆର୍ଟିମିଯୋ ପ୍ରାଗ୍‌ରେ ଥରେ ନିଜ ବନ୍ଧୁମାନଙ୍କ ସହ ରାତ୍ର ଭୋଜନ କଲାବେଳେ ବନ୍ଧୁତା ଦିବସ ପାଳନ କରିବା ଲାଗି ପ୍ରସ୍ତାବ ଦେଇଥିଲେ । ବନ୍ଧୁମାନଙ୍କର ଏହି ବୈଠକରୁ ହିଁ ବନ୍ଧୁତା ଦିବସ ପାଳନର ଯୋଜନା ଆରମ୍ଭ ହୋଇଥିଲା । ଆଉ 'ୱାର୍ଲଡ ଫ୍ରେଣ୍ଡଶିପ୍ କ୍ରୁସେଡ'ର ଉତ୍ପତ୍ତି ହେଲା । ପରେ ୟୁନାଇଟେଡ ନେସନ୍‌ସ୍ ପାଖରେ ଏହି 'ଦ ୱାର୍ଲଡ ଫ୍ରେଣ୍ଡଶିପ୍ କ୍ରୁସେଡ୍' ଦିବସକୁ ୱାର୍ଲଡ ଫ୍ରେଣ୍ଡଶିପ୍ ଡେ' ଭାବେ ଜୁଲାଇ ୩୦ ତାରିଖରେ ପାଳନ କରାଯାଉ ବୋଲି ପ୍ରସ୍ତାବ ଦିଆଗଲା । ୟୁଏନ୍‌ର ସେକ୍ରେଟାରୀ ଜେନେରାଲ କୋଫି ଆନନ୍ ଏହାକୁ ମଞ୍ଜୁରୀ ଦେବା ସହ 'ୱିନି ଦ ପୁ'କୁ ବନ୍ଧୁତା ଦିବସର ଆମ୍ବାସାଡରଭାବେ ଚୟନ କରିଥିଲେ । ସେବେଠାରୁ ୟୁଏନ ଜୁଲାଇ ୩୦ତାରିଖକୁ ଔପଚାରିକଭାବେ ଅନ୍ତର୍ଜାତୀୟ ବନ୍ଧୁତା ଦିବସଭାବେ ପାଳନ କରୁଛି । ହେଲେ ଭାରତ ସମେତ ବାଂଲାଦେଶ, ମାଲେସିୟା, ୟୁଏଇ ଓ ୟୁଏସ୍‌ରେ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତା ଦିବସଭାବେ ପାଳନ କରାଯାଉଛି ।

**ଦୁଇ ବନ୍ଧୁତା ଦିବସ ଭିତରର ଫରକ:** ଅନେକଙ୍କ ମନରେ ଦ୍ୱନ୍ଦ୍ୱ ଥାଏ ଯେ, ପ୍ରକୃତ ବନ୍ଧୁତା ଦିବସ କେଉଁଟି ? ୩୦ ଜୁଲାଇ ନା ଅଗଷ୍ଟ ମାସର ପ୍ରଥମ ରବିବାର । ଆଉ ଏହି ଦୁଇ ବନ୍ଧୁତା ଦିବସ ଭିତରେ ଫରକ କ'ଣ ? ତେବେ ଫରକ ହେଉଛି ଏତିକି ଯେ, ଦେଶଗୁଡିକ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କରିବା ପାଇଁ ୩୦ ଜୁଲାଇରେ ବନ୍ଧୁତା ଦିବସ ପାଳନ କରାଯାଏ । ହେଲେ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ପାଳନ କରାଯାଉଥିବା ବନ୍ଧୁତା ଦିବସ କେବଳ ନିଜ ବନ୍ଧୁଙ୍କ ପାଇଁ ସମର୍ପିତ । ଏହିଦିନ ଲୋକେ ନିଜ ବନ୍ଧୁମାନଙ୍କ ସହ ବନ୍ଧୁତାର ଉତ୍ସବ ପାଳନ କରନ୍ତି ।





## କଥା ଚାଟ୍


ଓଁ ଅଭିଜ୍ଞାନ ସାହୁ

# ଅଧିନାୟକ ଜୟ ହେ...

ଆମ ଭାରତର ପବିତ୍ର ମାସ ଭାବରେ ପରିଗଣିତ ଅଗଷ୍ଟ ଆସିଲେ ଉଭୟ ସରକାରୀ ବେସରକାରୀ ସ୍ତରରେ ତତ୍ପରତା ଦେଖାଯାଏ । ପତାକା ଉତ୍ତୋଳନ କଥା ଆପଣାଛାଏଁ ମନକୁ ଆସେ । ବର୍ଷରେ କେବଳ ଦୁଇଦିନ ସୂର୍ଯ୍ୟାଲୋକ ଦେଖୁଥିବା ଆମ ସ୍ୱାଭିମାନର ପରିଚୟ ଜାତୀୟ ପତାକା ଭାଙ୍ଗ ଚଉତା ଛାଡ଼ି ଝାଡ଼ି ହୋଇ ସଜିଲ ହୁଏ ।

କିଛିଦିନ ତଳେ ସଦରମହକୁମାରେ ଥିବା ଗୋଟେ ସରକାରୀ ଅଫିସର ବଡ଼ବାବୁ ଚାହିଁଲେ ଏ ବର୍ଷ ପତାକା ଉତ୍ତୋଳନ ବିଭାଗୀୟ ମନ୍ତ୍ରୀଙ୍କ ଦିବ୍ୟ ହାତରେ କରିବା ପାଇଁ । ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଆୟୋଜନ ମଧ୍ୟ ଚାଲିଲା । ପତାକା ଉତ୍ତୋଳନ ପାଇଁ ଖୁଣ୍ଟ, ଦଉଡା ଯୋଗାଡ଼ ସହ ଖୁଣ୍ଟକୁ ସଳଖ ପୋତିବା ପାଇଁ ସିମେଣ୍ଟ ଚଉତରାଟିଏ ମଧ୍ୟ ତିଆରି ହେଲା । ଏ ସବୁ ପ୍ରସ୍ତୁତି ଚାଲିଥିଲା ବେଳେ ଜଣାପଡିଲା ଅଫିସର ପ୍ରାୟ ନବେ ଭାଗ କର୍ମଚାରୀଙ୍କୁ ଠିକ୍ ଭାବେ ଜାତୀୟ ସଙ୍ଗୀତ ଜଣା ନାହିଁ । କିଏ ଦୁଇ ଲାଇନ ଗାଇଲା ପରେ ଅଟକିଲାଣି ତ କିଏ ଶେଷରେ ଜୟ ହେ ଜୟ ହେ ପାଞ୍ଚ ଥର ଗାଇଦେଲାଣି । ବଡ଼ବାବୁଙ୍କ ଅକଲ ଗୁଡୁମ । ଯଦି ବାହାରେ ଏ କଥା ପ୍ରଘଟ ହୁଏ ତେବେ ଚାରିଆଡେ ଥୁ ଥୁ ହେବା ଥୟ । ବଡ଼ବାବୁ ନିର୍ଦ୍ଦେଶ ଦେଲେ ପରଦିନ ସୁଦ୍ଧା ସମସ୍ତେ ଯେମିତି ଜାତୀୟ ସଙ୍ଗୀତ ଘରୁ ଘୋଷିକି ଆସିଥିବେ । ସେ ନିଜେ ଜଣ ଜଣ କରି ସମସ୍ତଙ୍କ ପରୀକ୍ଷା ନେବେ । ନିର୍ଦ୍ଦେଶ ମୁତାବକ ସମସ୍ତେ ଘରୁ ଜାତୀୟ ସଙ୍ଗୀତ ଘୋଷିକି ଆସିଥାନ୍ତି । କିନ୍ତୁ ଏହି ସମୟରେ ଆଉ ଗୋଟେ ବିଷମ ସମସ୍ୟା ଦେଖାଗଲା । ସମସ୍ତେ ନିଜ ନିଜ ସ୍ୱର ଓ ଶୈଳୀରେ ଗାଇଲା ବେଳକୁ କାହାର କାହା ସହ ତାଳ ମେଳ ରହୁନି । କିଏ ବିଳମ୍ବିତ ରାଗରେ ଗାଇଲା ବେଳକୁ କିଏ ଦ୍ରୁତ ତାଳରେ ଗାଇଲାଣି । କିଏ ପଞ୍ଚମ ସ୍କେଲରେ ଗାଇଲା ବେଳକୁ କିଏ ମଧ୍ୟମ ସ୍କେଲରେ ଗାଇଲାଣି । ବଡ଼ବାବୁଙ୍କ ଚିନ୍ତା ଆହୁରି ବଢ଼ିଗଲା । ଜାତୀୟ ସଙ୍ଗୀତ ଗାଇବାର ନିର୍ଦ୍ଦିଷ୍ଟ ଲୟ ଓ ସମୟ ସୀମା ରହିଛି । ବହୁ ବିଚାର ବିମର୍ଶ ପରେ ନିଷ୍ପତ୍ତି ହେଲା ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଆହ୍ୱାନକୁ ସମ୍ମାନ ଜଣେଇ ଅଫିସରେ ପ୍ରଥମଥର ପାଇଁ ଏଆଇ ସାହାଯ୍ୟରେ ପତାକା ଉତ୍ତୋଳନ ହେବ । ଯୋଜନାଟି ହେଲା, ଯେମିତି ଭୁବନେଶ୍ୱରରେ ଥାଇ ମନ୍ତ୍ରୀ ଭିଡିଓ କନ୍ଫରେନ୍ସ ମାଧ୍ୟମରେ କୋରାପୁଟରେ ଶିଳାନ୍ୟାସ କରୁଛନ୍ତି, ସେମିତି ବିଧାୟକ ଭୁବନେଶ୍ୱରରେ ଘରେ ବସି ସୁଇଚ ଟିପିଲେ ଏପଟେ ପତାକା ଆସ୍ତେ ଆସ୍ତେ ଉପରକୁ ଉଠିବ । ଡିଜେରେ ଜାତୀୟ ସଙ୍ଗୀତ ବାଜିବ ଆଉ ସମସ୍ତେ ଖାଲି ପାଟି ପାକୁ ପାକୁ କରିବେ । ପାଖରେ ଏକ ବଡ଼ ଏଲଇଡି ସ୍କ୍ରିନରେ ଲାଇଭ ଟେଲିକାଷ୍ଟ ହେଉଥିବ । ପତାକା ଉପରକୁ ଉଠିସାରିଲା ପରେ ମନ୍ତ୍ରୀ ଭୁବନେଶ୍ୱରରେ ଥାଇ ପତାକା ଆଡକୁ ଅନେଇ ସାଲ୍ୟୁଟ କରିବେ । ତାପରେ ମନ୍ତ୍ରୀ 'ଭାରତ ମାତାକୀ ଜୟ' କହିଲେ ଏଲଇଡି ସାମ୍ନାରେ ଛିଡା ହୋଇଥିବା କର୍ମଚାରୀଗଣ ତାକୁ ପାଳି ଧରିବେ । ସର୍ବସମ୍ମତି ଭାବେ ପ୍ରସ୍ତାବ ଗୃହୀତ ହୋଇଗଲା । ଅନ୍ୟ ଜିଲାରେ ଥିବା ଅଫିସଗୁଡିକର ବାବୁମାନଙ୍କୁ ମଧ୍ୟ ଏ ଯୋଜନା ପସନ୍ଦ ଆସିଲା । ପ୍ରତି ଜିଲାରେ ସିନା ଅଫିସ ମାଳ ମାଳ ହେଲେ ଦୁର୍ଭାଗ୍ୟକୁ ବିଭାଗୀୟ ମନ୍ତ୍ରୀ ମାତ୍ର ଜଣେ । ପ୍ରତି ଜିଲାକୁ ଯାଇ ନିଜ ବିଭାଗ ଅଫିସରେ ପତାକା ଉତ୍ତୋଳନ ଜଣେ ମନ୍ତ୍ରୀଙ୍କ ପକ୍ଷେ କେବେ ସମ୍ଭବ ନୁହେଁ । ଆଗରୁ ମନ୍ତ୍ରୀମାନେ ଭିଡିଓ ମାଧ୍ୟମରେ ଏକ ସାଙ୍ଗରେ ଅନେକଗୁଡିଏ ପ୍ରକଳ୍ପର ଉଦଘାଟନ କରିଛନ୍ତି କିନ୍ତୁ ଭୁବନେଶ୍ୱରରେ ବସି ଏକ ସାଙ୍ଗରେ ସବୁ ଜିଲାରେ ଜାତୀୟ ପତାକା ଉତ୍ତୋଳନ କରିବା ନିଶ୍ଚିତଭାବେ ଦେଶରେ ପ୍ରଥମ । କିଛି ବୁଦ୍ଧିଜୀବୀ ଏହି ଅଭିନବ ତଥା ଦେଶର ପ୍ରଥମ ଡିଜିଟାଲ ପତାକା ଉତ୍ତୋଳନର ପରିକଳ୍ପନାକୁ ସମର୍ଥନ କରି ସରକାର ଖୁବ ଶୀଘ୍ର ଏହି ମର୍ମରେ ଏକ ନିର୍ଦ୍ଦେଶାବଳୀ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଦେବା ପାଇଁ ପ୍ରସ୍ତାବ ମଧ୍ୟ ଦେଲେ । ଏହାଦ୍ୱାରା ଜିଲା ସ୍ତରୀୟ ପତାକା ଉତ୍ତୋଳନ ଆୟୋଜନ ପାଇଁ ମନ୍ତ୍ରୀମାନଙ୍କ ଯାବତୀୟ ବ୍ୟୟବହୁଳ ଗସ୍ତ ଖର୍ଚ୍ଚ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଅଯଥା ଖର୍ଚ୍ଚକୁ ରୋକାଯାଇ ପାରିବ । ପୁନଶ୍ଚ ଏହାଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ବହୁ ଆକାଂକ୍ଷିତ ଡିଜିଟାଲ ଇଣ୍ଡିଆ ସ୍ୱପ୍ନକୁ ମଧ୍ୟ ସାକାର କରାଯାଇପାରିବ ବୋଲି କେହି କେହି ମତ ରଖିଲେ ।

ପତାକା ଉତ୍ତୋଳନ କଥା ଆସିଲେ ଆଉ ଗୋଟିଏ କଥା ମନେପଡେ । ପ୍ରତି ବର୍ଷ ଦେଶର ପ୍ରଧାନମନ୍ତ୍ରୀ ଲାଲକିଲ୍ଲା ଉପରେ ଜାତୀୟ ପତାକା ଉତ୍ତୋଳନ କରିବା ଏକ ବିଧି ରହିଛି । ସ୍ୱାମୀ ଗଭୀରାନନ୍ଦଙ୍କୁ ଥରେ ଜଣେ ଭକ୍ତ ପଚାରିଲେ ,'ପ୍ରଧାନମନ୍ତ୍ରୀ ଲାଲକିଲ୍ଲାର ଏତେ ଉଚ୍ଚରେ କାହିଁକି



ପତାକା ଉତ୍ତୋଳନ କରନ୍ତି ।' ସ୍ୱାମିଜୀ ଗମ୍ଭୀର ହୋଇ କହିଲେ,ଏହାର ଦୁଇଟି କାରଣ ରହିଛି । ଗୋଟିଏ ଆଧ୍ୟାତ୍ମିକ ଆଉ ଗୋଟିଏ ବୈଜ୍ଞାନିକ । ଶବ୍ଦବ୍ରହ୍ମ ଗିରି ଶିଖରରୁ ଅଥବା ସେହିପରି ସୁଉଚ୍ଚ ସ୍ଥାନରୁ ଜଗତ ହିତାୟ ପ୍ରେରିତ ହୁଏ । ବିଜ୍ଞାନ ଦୃଷ୍ଟିରୁ ଉଚ୍ଚ ସ୍ଥାନରୁ କିଛି କହିଲେ ଅବା ଫୋପାଡ଼ିଲେ ତାହା ବେଶି ଦୂରକୁ ଯାଏ । ଭାରି ଜିନିଷ ତଳକୁ ଖସେ, ଗ୍ୟାସ ଭଳି ଅତି ହାଲୁକା ଜିନିଷ ପବନରେ ଉଡିଯାଏ । ଏକ ସୂତ୍ରରୁ ଜଣାପଡ଼େ ଦେଶ ସ୍ୱାଧୀନତା ପାଇବା ପରଠାରୁ ଆଜିଯାଏ ଯେତେସବୁ ପ୍ରଧାନମନ୍ତ୍ରୀ ଅଗଷ୍ଟ ପନ୍ଦର ଦିନ ଲାଲକିଲ୍ଲା ଉପରୁ ଦେଶବାସୀଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଛନ୍ତି ତାହାର ମାତ୍ର ୩୯ ପ୍ରତିଶତ ଏଯାବତ ପୂରଣ ହୋଇଛି । ଅର୍ଥାତ ପ୍ରତିଶ୍ରୁତିର ବାକି ୬୧ ପ୍ରତିଶତ ଗ୍ୟାସ ହୋଇ ପବନରେ ମିଳେଇ ଯାଇଛି । ଆକାଶରେ ବିଜୁଳି ମାରିଲେ ଦଶ ଗାଁ ଦୂରକୁ ଦିଶେ । ଘଡ଼ଘଡିର ଶବ୍ଦ ସିନା ଯୋଜନ ଯୋଜନ ଦୂରକୁ ଶୁଭେ ହେଲେ ଗରଜୁଥିବା ମେଘ ବରଷେ କେଉଁଠି ! ପ୍ରଧାନମନ୍ତ୍ରୀ ଜାଣନ୍ତି ଲାଲକିଲ୍ଲାର ସୁଉଚ୍ଚ ପାଚେରି ଉପରୁ ଫୋପାଡୁଥିବା ଲକ୍ଷ ଲକ୍ଷ କୋଟି ଟଙ୍କାର ପ୍ରତିଶ୍ରୁତି ତାଙ୍କ ଶାସନ କାଳ ଭିତରେ ପୂରା କରିବା ସମ୍ଭବ ନୁହେଁ । ତେଣୁ ବସ୍, ନେତା ଜାଣନ୍ତି ଉଚ୍ଚ ମଞ୍ଚ ଉପରୁ ସେ ଫୋପାଡୁଥିବା ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତିଗୁଡିକର ଅଧାରୁ ଅଧିକ ସୁଦ୍ଧୁ ଗ୍ୟାସ । ସେ ବାୟବୀୟ ବସ୍ତୁ ତଳେ ବସିଥିବା ଜନତା ଜନାର୍ଦ୍ଦନଙ୍କ ପାଖରେ କେବେ ପହଞ୍ଚିବନି । ଅନେକେ ହୁଏତ ଜାଣିନଥିବେ ଆମ ଦେଶ ବର୍ଷର ଅନ୍ୟ ସବୁ ମାସକୁ ଛାଡି ଅଗଷ୍ଟ ମାସରେ କାହିଁକି ସ୍ୱାଧୀନ ହେଲା । ଅମୃତକାଳର ଜଣେ ପ୍ରଖ୍ୟାତ ପ୍ରବଚକ କେଉଁ ପୋଥିରୁ ଏକ ରୋଚକ ତଥ୍ୟ ଆବିଷ୍କାର କରିଛନ୍ତି, ଯାହାର ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି । ଏ ତଥ୍ୟ ଅନୁଯାୟୀ ଥରେ ଗୋଟେ ଚଢ଼େଇ ସମୁଦ୍ରକୂଳରେ ଅଣ୍ଡା ଦେଇଥିଲା । ଲହଡି ସେ ଅଣ୍ଡାକୁ ଭସେଇ ନେଲା । ଏହାକୁ ଆକାଶରେ ଉଡୁଥିବା ଗରୁଡ଼ ଦେଖିପାରିଲେ । ତାପରେ ସେ ଋଷି ଅଗସ୍ତ୍ୟଙ୍କୁ ଯାଇ କହିଲେ, ରାକ୍ଷସମାନେ ଗୋଟେ ନିରୀହ ପକ୍ଷୀର ଅଣ୍ଡାକୁ ନେଇ ସମୁଦ୍ର ଭିତରେ ଲୁଚିଛନ୍ତି । ଯଦି ଆପଣ ସମୁଦ୍ରର ପାଣି ଶୁଖେଇ ଦିଅନ୍ତେ ତେବେ ରାକ୍ଷସମାନଙ୍କ କବଳରୁ ଚଢ଼େଇର ଅଣ୍ଡା ଉଦ୍ଧାର ହୋଇପାରନ୍ତା । ଅତି ଦୟାଳୁ ଅଗସ୍ତ୍ୟ ଋଷି ଗୋଟିଏ ଆଞ୍ଜୁଳାରେ ସମୁଦ୍ରର ସବୁ ପାଣିକୁ ରଖି ପିଇଦେଲେ । ଏସବୁ ଦେଖି ଇଂରେଜମାନେ କହିଲେ, ଜଣେ ଅଗସ୍ତ୍ୟ ଋଷି ଯଦି ଆଞ୍ଜୁଳାରେ ସାଗରର ସବୁ ପାଣି ପିଇଗଲେ ତେବେ ଦଶ ପନ୍ଦରଟା ଅଗସ୍ତ୍ୟ ଆସିଲେ ସମଗ୍ର ଇଂରେଜ ସାମ୍ରାଜ୍ୟକୁ ଗିଳିଦେବେ । ତାପରେ ଇଂରେଜମାନେ 'ଭାଗୋ ଯାହାଁ ସେ' କହି ପନ୍ଦର ତାରିଖ ସକାଳ ହେବା ପୂର୍ବରୁ ମଧ୍ୟରାତ୍ରରେ ଭାରତ ଛାଡି ପଳେଇଗଲେ । ଅଗସ୍ତ୍ୟ ଋଷିଙ୍କ ଏହି ମହାନତାକୁ ସମ୍ମାନ ଜଣେଇ ତାଙ୍କ ନାମାନୁସାରେ ଇଂରାଜୀ ଅଗଷ୍ଟ ମାସର ନାମକରଣ ହୋଇଛି ବୋଲି ଆଚାର୍ଯ୍ୟ ସୂଚନା ଦିଅନ୍ତି । ବିଡମ୍ବନା ଦେଖନ୍ତୁ ଐତିହାସିକମାନଙ୍କ ଇତିହାସ ବହିରେ କିନ୍ତୁ ଭାରତର ସ୍ୱାଧୀନତା ସଂଗ୍ରାମକୁ ଋଷି ଅଗସ୍ତ୍ୟଙ୍କ ଅବଦାନ ବିଷୟରେ କିଛି ବି ଉଲ୍ଲେଖ ନାହିଁ । ଅଗଣିତ ତଥାକଥିତ ଦେଶପ୍ରେମୀଙ୍କ ତ୍ୟାଗ, ବଳିଦାନ ଓ ସଂଗ୍ରାମ ଦ୍ୱାରା ଦେଶ ସାଧୀନ ହୋଇଥିଲା ବୋଲି ଏ ପର୍ଯ୍ୟନ୍ତ ଆମକୁ ଭ୍ରମରେ ରଖାଯାଇଥିଲା ।

ଦେଶର ସ୍ୱାଧୀନତାକୁ ନେଇ ଆଉ ଜଣେ ସାଧ୍ୱୀ କହିଛନ୍ତି, ଦେଶ କାଳେ ଦୁଇ ହଜାର ଚଉଦ ମସିହାରେ ସ୍ୱାଧୀନ ହୋଇଥିଲା । ଅଗସ୍ତ୍ୟଙ୍କ ସମୟରେ ଇଂରେଜମାନେ ଦେଶ ଛାଡି ପଳାୟନ କଲା ପରେ ଲୁଚାଛପାରେ ବାକି ଯେଉଁ ଇଂରେଜମାନେ ଆମ ଦେଶରେ ରହିଯାଇଥିଲେ ସେମାନେ ୨୦୨୪ ମସିହାରେ ପ୍ରଭୁ ଶ୍ରୀରାମଙ୍କ ପୁନଃ ଧରାବତରଣର ଆଗୁଆ ସୂଚନା ପାଇ ୨୦୧୪ ମସିହାରେ ଭୟରେ ଦେଶ ଛାଡି ଚାଲିଯାଇଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ । ତେଣୁ ଭବିଷ୍ୟତରେ ସ୍ୱାଧୀନତା ଦିବସର ଠିକ୍ ତାରିଖକୁ ଇତିହାସ ବହିରେ ଉଲ୍ଲେଖ କରିବା ସମୟରେ ଐତିହାସିକମାନଙ୍କୁ ଆମ ଦେଶର ଶାସ୍ତ୍ର ଓ ପୁରାଣ ଗ୍ରନ୍ଥମାନଙ୍କ ସହାୟତା ନେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ଦେବଦେବୀମାନଙ୍କ ସିଧାସଳଖ ଅବଦାନ ବିଷୟରେ ବିସ୍ତୃତ ବିବରଣୀ ଦେବା ଉଚିତ । ତେବେ ଯାଇ ପୁଣ୍ୟଭୂମି ଭାରତର ସ୍ୱାଧୀନତାର ଗାଥା ପରବର୍ତ୍ତୀ ପିଢ଼ିକୁ ଅପୂର୍ବ ଲାଗିବ ।

ସୁଧିବୃନ୍ଦ, ଭାରତ ଯେବେ ସ୍ୱାଧୀନ ହେଉ, ଦାଦନ ଖଟୁଥିବା ଦିନ ମଜୁରିଆଙ୍କ ପାଇଁ କିଛି ବି ଫରକ୍ ପଡେ କି ? ସେଉ ବୁନ୍ଦି ଖାଇବା ଆଶାରେ ଭିଡ଼ ଭିତରେ ଅପେକ୍ଷା କରିଥିବା ଭୋକିଲା ପିଲାଟି 'ଜନଗଣ' ସଙ୍ଗୀତର ଠିକ୍ ତାଳ ଲୟର ମହତ୍ତ୍ୱ ବୁଝେ କି ? ନିଜର ଭବିଷ୍ୟତକୁ ନେଇ ସ୍ୱପ୍ନ ଭଙ୍ଗ ହୋଇସାରିଥିବା ବେକାର ଯୁବକର ଅଶାନ୍ତ ମନକୁ ଉଚ୍ଚତାରୁ ଫିଙ୍ଗା ଯାଉଥିବା ଭାସମାନ ପ୍ରତିଶ୍ରୁତି ଶାନ୍ତ କରିପାରେ କି ? ଯଦି ଏ ସବୁ ଅସମାହିତ ପ୍ରଶ୍ନଗୁଡିକ ସ୍ୱାଧୀନ ଭାରତର ସର୍ବକାଳୀନ ସମସ୍ୟା ତେବେ ସେ ବିଷୟରେ ଆଜି ଅଧିକ ଚିନ୍ତାକରି ମୁଣ୍ଡକୁ ଅଯଥା ଭାରାକ୍ରାନ୍ତ କରିବା ଅପେକ୍ଷା ଆସନ୍ତୁ ହର୍ଷ ଉଲ୍ଲାସରେ ଅଗଷ୍ଟ ପନ୍ଦର ପାଳନ କରିବା ଓ ଏକ ସ୍ୱର ଏକ ତାଳରେ କହିବା ମେରା ଭାରତ ମହାନ୍ ।

-ବନମାଳୀ ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ନୂଆ ସକାଳର ବାସ୍ନା


ପୀତାମ୍ବର ମହାପାତ୍ର, ପ୍ରକାଶକ-ଆଷାଢ, ଆନନ୍ଦ ବଜାର(ଦଳେଇ ଘାଇ), ଜଗତସିଂହପୁର, ମୂଲ୍ୟ-୧୦୦ଟଙ୍କା ।




ପୁସ୍ତକରେ ୪୮ଟି ଗପ ପ୍ରକାଶିତ ହୋଇଛି । ଏଥିରେ ମଣିଷ ଜୀବନର କରୁଣ ଅଭିଳିପି କେବଳ ତାଙ୍କ ସ୍ରଷ୍ଟର ଭାଷ୍ୟ ନୁହେଁ, ବରଂ ପ୍ରଲମ୍ବିତ ହେବାର ଆସ୍ପୃହା ଏହାର ଲକ୍ଷ୍ୟ । ସମାଜର ନ କହି ପାରୁଥିବା କଥା, ଜୀବନଯାତ୍ରାରେ ନ ସହି ହେଉଥିବା ଦୁଃଖ, ଦେଖାଇପାରୁ ନ ଥିବା ଖୁସି, ଭୁଲିପାରୁ ନ ଥିବା ସ୍ମୃତି, ଜାଣିପାରୁ ନ ଥିବା ସମ୍ବେଦନା ସବୁକୁ ଗଳ୍ପ ମାଧ୍ୟମରେ ବେସ୍ ରୂପରେଖ ଦେଇଛନ୍ତି ଗାଳ୍ପିକ । ଅନୁଭବ ଓ ଅନୁଭୂତିରୁ ପୀତାମ୍ବର ମହାପାତ୍ରଙ୍କ ଗଳ୍ପର ସୃଷ୍ଟି । ଗଳ୍ପଗୁଡିକ ଅନ୍ତଃ ଓ ବାହ୍ୟ ପରିବେଶର ପରିପ୍ରକାଶ । ମନନଶୀଳ ରୂପକଳ୍ପ, ସାବଲୀଳ ଭାଷା, ଅଭିନବ ବାଖ୍ୟା ଓ ସମ୍ବେଦନଶୀଳତା ତାଙ୍କ ଗଳ୍ପଗୁଡିକର ସ୍ୱତନ୍ତ୍ରତା । ପ୍ରତି ଗଳ୍ପରେ ଚରିତ୍ର ଚିତ୍ରଣର ପାରଦର୍ଶିତା ଓ କଥାବସ୍ତୁର ଉପସ୍ଥାପନା ପାଠକଙ୍କୁ ମୁଗ୍ଧ କରେ ।

### ଜୀବନ ଗୀତିକା

ଜୟନ୍ତୀ ଦାଶ, ପ୍ରକାଶକ- ପଥିକ ପ୍ରକାଶନୀ, ଭୁବନେଶ୍ୱର-୨୫, ମୂଲ୍ୟ-୧୦୦ଟଙ୍କା




ପୁସ୍ତକରେ ୭୫ଟି କବିତା ରହିଛି । ବାଲ୍ୟକାଳରୁ ଜେଜେବାପାଙ୍କ ସୁଲଳିତ ସ୍ୱର ରାଗିଣୀ ଲେଖିକାଙ୍କୁ କବିତା ସହ ପରିଚିତ କରାଇଥିଲା । ତାଙ୍କ ମୁହଁରୁ ଅହର୍ନିଶି ଝରୁଥିଲା କାନ୍ତ ସଙ୍ଗୀତ । ସେ ସବୁ ଶୁଣି ଲେଖିକା ମୁଗ୍ଧ ଚକିତ ହୋଇଥିଲେ । ସେଇ ଅବୋଧ ସଙ୍ଗୀତ କ୍ରମଶଃ ମୁଖସ୍ଥ ହୋଇ ଝରିପଡିଲା ତାଙ୍କ ମୁହଁରୁ । ଶିଶୁ ପ୍ରାଣର ଚପଳତା ଆଡେଇ ତାଙ୍କ ହୃଦୟ କନ୍ଦରରେ ନୀଡ଼ ରଚିଲା କବିତା । ଜେଜେବାପାଙ୍କ ସ୍ୱରରୁ ତାଙ୍କ ସ୍ୱରକୁ ରୂପାନ୍ତରିତ ହେଲାପରେ ଆନନ୍ଦରେ ଅଧୀର ହୋଇପଡିଲେ ଜେଜେ । ସେଇକାଳରୁ ଆଜି ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ଧାରା ହୋଇ ତାଙ୍କ ଭିତରେ ପ୍ରବାହିତ ହୋଇ ଚାଲିଲା । ଏଥିରେ ସନ୍ନିବେଶିତ ଗୀତି କବିତାଗୁଡିକ ଭିନ୍ନ ଭିନ୍ନ ମୁହୂର୍ତ୍ତରେ ଅଙ୍କୁରିତ ହୋଇଛି ତାଙ୍କ ଜୀବନର କ୍ଷଣିକ ସାନ୍ତ୍ୱନା ହୋଇ । କବିତାଗୁଡିକରେ ମଣିଷର ହୃଦୟର ଭାବାବେଗକୁ ବୁଝିଛନ୍ତି କବୟିତ୍ରୀ ; ଯାହା ପାଠକଙ୍କ ହୃଦୟକୁ ଛୁଇଁବ ବୋଲି ଆଶା ।

# ଉଲ କାରିଗରିର ରେକର୍ଡ

ଦିନଥିଲା ମହିଳାମାନେ ନିଜ ଅବସର ସମୟରେ ଉଲରେ ବୁଣାବୁଣି କରୁଥିଲେ। କେବଳ ଯେ, ସ୍ୱେଟର, ମଫଲର୍ ତିଆରି କରୁଥିଲେ ତାହା ନୁହେଁ ଘର ସାଜସଜ୍ଜା ସାମଗ୍ରୀ ବି କରୁଥିଲେ। ହେଲେ ଏବେ ଆଉ କେହି ବିଶେଷ ଉଲରେ ବୁଣାବୁଣି କରୁ ନାହାନ୍ତି। କାରଣ ମେସିନ୍ ତିଆରି ଅନେକ ସୁନ୍ଦର ସୁନ୍ଦର ଉଲେନ୍ ସାମଗ୍ରୀ ବଜାରରେ ଉପଲବ୍ଧ ହେଉଛି। ତଥାପି କେହି କେହି ଏହି କଳାକୁ ବଜାୟ ରଖିଛନ୍ତି। କେବଳ ବଜାୟ ରଖି ନାହାନ୍ତି, ଏହାକୁ ନେଇ ରେକର୍ଡ ବି କରିଛନ୍ତି।





ଯେମିତିକି ମଦର ଇଣ୍ଡିଆ କ୍ରୋଚେଟ କ୍ୱିନ୍ସ ନାମକ ଏକ ଉଲ୍ ବୁଣାଳୀ ଗୋଷ୍ଠୀ ଉଲ୍ କଣ୍ଢେଇର ସର୍ବବୃହତ ପ୍ରଦର୍ଶନ କରି ବିଶ୍ୱ ରେକର୍ଡ କରିଛନ୍ତି। ''ସବୁଜ ହୁଅ, ପୃଥିବୀକୁ ରକ୍ଷା କର'' ଥିମ୍‌ରେ ଏହି ଗୋଷ୍ଠୀ ୫୮,୯୧୭ ଉଲ୍ କଣ୍ଢେଇ ତିଆରି କରିଥିଲା। ଯେଉଁଥିରେ ମାନବ ଏବଂ ସେମାନଙ୍କର ଇତିହାସର ଅନେକ ଦୃଶ୍ୟ ତିଆରି କରିବାକୁ ପ୍ରୟାସ କରାଯାଇଥିଲା, ଯାହାକି ଖୁବ୍ ଆକର୍ଷଣୀୟ ଥିଲା। ଏହାବାଦ୍ ଉକ୍ତ ଗୋଷ୍ଠୀ ସବୁଠାରୁ ଲମ୍ବା କ୍ରୋଚେଟ ସ୍କାର୍ଫ ଏବଂ ସବୁଠାରୁ ବଡ଼ କ୍ରୋଚେଟ କମ୍ବଳ ପାଇଁ ବି ବିଶ୍ୱ ରେକର୍ଡ କରିଥିଲା।




# ମ୍ୟୁଜିକାଲ ବିଲ୍ଡିଂ

ଦୂରରୁ ଦେଖିଲେ ଲାଗେ ସତେଯେମିତି ଦୁଇଟି ବଡ଼ ବଡ଼ ବାଦ୍ୟଯନ୍ତ୍ର ଦଣ୍ଡାୟମାନ ଭାବେ ଅଛି। ଯାହା ମଧ୍ୟରେ ଗୋଟିଏ ପିଆନୋ ଓ ଗୋଟିଏ ଭାଓଲିନ୍। ଏତେ ବଡ଼ ବଡ଼ ବାଦ୍ୟଯନ୍ତ୍ର ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ବି ଲାଗେ। ହେଲେ ପ୍ରକୃତରେ ଏହା କୌଣସି ବାଦ୍ୟଯନ୍ତ୍ର ନୁହେଁ। ବରଂ ଏହା ହେଉଛି ଚାଇନା ଶନ୍ନନ ଜିଲାସ୍ଥ ହୁଆଇନାନ ସିଟିରେ ଥିବା ଏକ ସୁନ୍ଦର ବିଲ୍ଡିଂ। ଯେଉଁମାନେ ଉଭୟ ସଙ୍ଗୀତ ଓ ସ୍ଥାପତ୍ୟକୁ ଭଲ ପାଆନ୍ତି, ସେମାନଙ୍କୁ ଏହି ଘର ବହୁତ ଭଲ ଲାଗିବ। ଏହାକୁ ଡିଜାଇନ୍ କରିଛନ୍ତି ହେଫେଇ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ସ୍ଥାପତ୍ୟ ବିଭାଗର ଛାତ୍ରମାନେ। ସେମାନେ ହୁଆଇନାନ ଫାଙ୍ଗକାଇ ଡେକୋରେଶନ୍ ପ୍ରୋଜେକ୍ଟ ସହ ମିଶି ୨୦୦୭ରେ ଏହାକୁ ନିର୍ମାଣ କରିଥିଲେ। ଏହାର ପିଆନୋ ବିଲ୍ଡିଂଟି ତିନୋଟି କଂକ୍ରିଟ୍ ଲେଗ୍ ଉପରେ ତିଆରି। ପିଆନୋର କି' ଲୁକ୍ ଦେବା ଲାଗି ଏଥିରେ ଶହ ଶହ ବ୍ଲାକ୍ ଗ୍ଲାସ୍ ପ୍ୟାନେଲ ଓ କ୍ଲିୟର୍ ଟ୍ରାନ୍ସପରେଣ୍ଟ ଗ୍ଲାସ୍ ବ୍ୟବହାର କରାଯାଇଛି। ଏଥିରେ ଥିବା ଭାଓଲିନ୍ ପରି ଷ୍ଟ୍ରକ୍ଚରଟିରେ ପିଆନୋରେ ଥିବା ବିଭିନ୍ନ ମହଲାକୁ ଯିବା ପାଇଁ ଏସ୍କାଲେଟର ଓ ଶିଡି ରହିଛି। ଏହି ମ୍ୟୁଜିକାଲ ବିଲ୍ଡିଂ ନିର୍ମାଣ କରିବାରେ ୩୫ ମିଲିୟନ ଡଲାର ଖର୍ଚ୍ଚ କରାଯାଇଛି। ବିଲ୍ଡିଂଟିକୁ ସହରର ଆର୍ଥିକ ଓ ପର୍ଯ୍ୟଟନ ବ୍ୟବସ୍ଥାର ବିକାଶ ପାଇଁ ଗଢ଼ା ଯାଇଥିଲା। ହେଲେ ଏବେ ସେଠାରେ ବିଭିନ୍ନ କନସର୍ଟ ଓ ଏକ୍ଜିଭିସନ୍ ହେଉଛି। ଏହାକୁ ଚାଇନାର ମୋଷ୍ଟ ରୋମାଣ୍ଟିକ ବିଲ୍ଡିଂ ବି କୁହାଯାଏ। କାରଣ ନବ ବିବାହିତ ଦମ୍ପତି ଏହା ସମ୍ମୁଖରେ ଫଟୋ ଉଠାଇବା ଲାଗି ଆସିଥାନ୍ତି। ବର୍ତ୍ତମାନ ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ପାଲଟି ଯାଇଛି।



# ସବୁଠୁ ଛୋଟ ହୋଟେଲ

ବାହାରକୁ ବୁଲିବାକୁ ଗଲେ ରହିବା ପାଇଁ ଖୋଜା ପଡ଼େ ହୋଟେଲ। ଆଉ ଯଦି ହୋଟେଲ ସୌଖୀନ ହେବାସହ ସେଠାରେ ବିଭିନ୍ନ ସୁବିଧା କମ୍ ମୂଲ୍ୟରେ ମିଳିଯାଏ ତେବେ ଭ୍ରମଣର ମଜା ବଢିଯାଏ। ତା'ସହ ହୋଟେଲଟି ଯଦି କିଛି ଖାସ୍ ଓ ଭିନ୍ନ ହୋଇଥାଏ ତ ନିଆରା ଅନୁଭୂତି ବି ମିଳେ। ସେମିତି ଏକ ହୋଟେଲ ଦକ୍ଷିଣ-ପଶ୍ଚିମ ଏସିଆ, ଅକାବା ଉପସାଗରର ଦକ୍ଷିଣରେ ଥିବା ଆରବର ଜୋର୍ଡାନ୍‌ରେ ଅଛି, ଯାହାର ନାଁ ହେଉଛି 'ଭିଣ୍ଟେଜ୍ ଭକ୍ସୱାଗନ୍ ବିଟଲ' ହୋଟେଲ। ହୋଟେଲଟି ତିଆରି ହୋଇଛି ଏକ ପୁରୁଣା ଭକ୍ସୱାଗନ୍ ବିଟଲ୍ କାର୍‌ରେ। ତେଣୁ ଏହାକୁ ପୃଥିବୀର ସବୁଠାରୁ ଛୋଟ ହୋଟେଲଭାବେ



ମଧ୍ୟ ଗଣନା କରାଯାଏ। ଉକ୍ତ ହୋଟେଲର ମାଲିକ ହେଉଛନ୍ତି, ମହମ୍ମଦ-ଅଲ ମାଲାହିମ। ଏଠାରେ କେବଳ ଦୁଇଜଣ ରହିବାର ବ୍ୟବସ୍ଥା ଅଛି। ଖାସ୍ କରି ଦମ୍ପତିଙ୍କ ପାଇଁ ଏହି ହୋଟେଲ୍ ଭଲ। ହୋଟେଲଟି ଆରମ୍ଭ ହୋଇଥିଲା ୨୦୧୧ ମସିହାରେ। ଏହା ଏକ ପାହାଡିଆ ଅଞ୍ଚଳରେ ଅଛି। ତେଣୁ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ମିଳେ। ଉକ୍ତ ହୋଟେଲର ଗୋଟିଏ ଦିନର ଭଡା ହେଉଛି ୪୦୦୦ଟଙ୍କା । ଏଥିରେ ରହିବା ପାଇଁ ଆଗୁଆ ବୁକିଂ କରିବାକୁ ହୁଏ। ହୋଟେଲ ଭିତରକୁ ହାତ ତିଆରି ଏମ୍ବ୍ରୋଏଡୋରୀ, ବେଡ୍‌ସିଟ୍ ଓ ତକିଆରେ ସଜ୍ଜା ଯାଇଛି। ହୋଟେଲ ନିକଟସ୍ଥ ଏକ ଗୁମ୍ଫାରେ ଅଲ୍ ମାଲାହିମ୍ ଖାଦ୍ୟପେୟର ବ୍ୟବସ୍ଥା କରିଥାନ୍ତି।